
୨୮ ଜୁନ୍ ୨୦୨୬ ରବିବାର
ସମାଜ
ତରୁଣୀ
ନୂଆ
ଅନ୍ଦାଜ



ଭାରତୀୟ ମନୋରଞ୍ଜନ ଜଗତରେ ଏବେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଯେଉଁଠାରେ ସିନେମାହଲ ଗୁଡ଼ିକରେ ନୂଆ ପିଢ଼ିର କଳାକାର ଏବଂ ଫ୍ରାଞ୍ଚାଇଜ୍ ଚଳଚ୍ଚିତ୍ରଗୁଡ଼ିକର ଦବଦବା ବଢ଼ୁଛି । ତେବେ ଓଟିଟି ପ୍ଲାଟଫର୍ମଗୁଡ଼ିକର ଭୂମିକା ଏହି କ୍ରମରେ ଖୁବ ଗୁରୁତ୍ୱପୂର୍ଣ୍ଣ ହେବାରେ ଲାଗିଛି । ୯୦ ଦଶକ ଏବଂ ୨୦୦୦ ଦଶକର ପ୍ରାରମ୍ଭିକ ସମୟର କଳାକାରମାନଙ୍କର ଦ୍ୱିତୀୟ ଇନିଂସ ଏହି ଓଟିଟି କାରଣରୁ ଅଧିକ ମଜବୁତ ହେବାରେ ଲାଗିଛି । ସନି ଦେଓଲ, ବବି ଦେଓଲ, ମାଧୁରୀ ଦୀକ୍ଷିତ, ଜୁହି ଚାୱଲା, କାଜୋଲ, ରବିନା ଟଣ୍ଡନ, କରିସ୍ମା କପୁର, ଅକ୍ଷୟ ଖନ୍ନା ଏବଂ ରାଜୀବ ଖଣ୍ଡେଲୱାଲଙ୍କ ଭଳି ନାମ ଏବେ ଦର୍ଶକଙ୍କ ମଧ୍ୟରେ ଚର୍ଚ୍ଚାରେ ରହିଛି । ନିକଟରେ ଘୋଷଣା କରାଯାଇଥିବା 'ଇକ୍କା' ଚଳଚ୍ଚିତ୍ରରେ ସନି ଏବଂ ଅକ୍ଷୟଙ୍କ ଯୋଡ଼ି ହେଉ, ଆର୍ଯ୍ୟନ ଖାନଙ୍କ ପ୍ରୋଜେକ୍ଟରେ ବବିଙ୍କ ଉପସ୍ଥିତି ହେଉ କିମ୍ବା 'ଦି ରେଲୱେ ମ୍ୟାନ୍'ରେ କେ.କେ. ମେନନ ଓ ଆର୍. ମାଧବନଙ୍କ ଭଳି କଳାକାର ହେଉନ୍ତୁ, ଏହି ସବୁ ପ୍ରୋଜେକ୍ଟ ଏବେ ବେଶ୍ ଚର୍ଚ୍ଚିତ । ଏହା ପଛରେ ଓଟିଟି କମ୍ପାନୀଗୁଡ଼ିକର ପୁରୁଣା ଚେହେରାମାନଙ୍କ ସହ ନୂଆ କାହାଣୀ ନେଇ କୋଟି କୋଟି ଟଙ୍କାର ବାଜି ଲଗାଇବାର ଏକ ସ୍ପଷ୍ଟ ରଣନୀତି ଦେଖାଯାଉଛି ।

**ସମୟ ଅନୁସାରେ ଦର୍ଶକଙ୍କର ରୁଚି ଓ ଚାହିଦା ବଦଳୁଛି । ହେଲେ ଓଟିଟି ପ୍ଲାଟଫର୍ମ ବର୍ତ୍ତମାନ ନବେଦଶକର ଷ୍ଟାରଙ୍କ ସହିତ ନୂଆ କାହାଣୀ ଯୋଡିବାର ଅଭିନବ ଧାରା ଆରମ୍ଭ କରିଛି । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦର୍ଶକ ଏହାକୁ ଗ୍ରହଣ ମଧ କରୁଛନ୍ତି । ଏହି ଟ୍ରେଣ୍ଡ ଏବେ ଖୁବ ଅଧିକମାତ୍ରାରେ ଗ୍ରହଣୀୟ ହେବାରେ ଲାଗିଛି, ଯାହା ଦର୍ଶକଙ୍କ ପାଖରେ ତାଙ୍କର ପସନ୍ଦର ପୁରୁଣା ଅଭିନେତାଙ୍କୁ ନୂଆ ରୂପରେ ଲଞ୍ଚ କରୁଛି ।**

## ଭରସା

ଦୀର୍ଘ ସମୟ ଧରି ହିନ୍ଦୀ ଚଳଚ୍ଚିତ୍ର ଜଗତରେ ବୟସ ଏବଂ ଷ୍ଟାର୍ ଇମେଜ୍ ଆଧାରରେ କଳାକାରମାନଙ୍କର ଭୂମିକା ନିର୍ଦ୍ଧାରଣ କରାଯାଉଥିଲା । ଏକ ସମୟ ଏମିତି ଥିଲା ଯେତେବେଳେ ଜଣେ ଅଭିନେତ୍ରୀ ମା'ର ଚରିତ୍ରରେ ଅଭିନୟ କରିବା ତାଙ୍କ କ୍ୟାରିୟର ପାଇଁ ବିପଦ ବୋଲି ବିବେଚନା କରାଯାଉଥିଲା । ହେଲେ ଓଟିଟି ପ୍ଲାଟଫର୍ମଗୁଡ଼ିକ ଏହି ଚିନ୍ତାଧାରାକୁ ଅନେକାଂଶରେ ବଦଳାଇ










ଦେଇଛନ୍ତି । ଏବେ କାହାଣୀ ଏବଂ ଚରିତ୍ର ଉଭୟଙ୍କୁ ପ୍ରାଥମିକତା ଦିଆଯାଉଛି, ଯେଉଁଥିପାଇଁ କଳାକାରମାନେ ନିଜର ପ୍ରକୃତ ବୟସ ଏବଂ ଅଭିଜ୍ଞତା ଅନୁଯାୟୀ ଭୂମିକା ନିର୍ବାହ କରିପାରୁଛନ୍ତି ଏବଂ ଦର୍ଶକମାନେ ମଧ୍ୟ ଏହି ପରିବର୍ତ୍ତନକୁ ଗ୍ରହଣ କରିଛନ୍ତି ।

## ବଢ଼ିଛି ଚରିତ୍ରର ଗୁରୁତ୍ୱତା

କାଷ୍ଟିଂ ନିର୍ଦ୍ଦେଶକ ପରାଗ ମେହେଟାଙ୍କ ଅନୁଯାୟୀ, ଆଜିର ଦର୍ଶକ କେବଳ ଷ୍ଟାରଡମ୍ ନୁହେଁ, ବରଂ ଭଲ ଚରିତ୍ର ସନ୍ଧାନରେ ଅଛନ୍ତି। ଏହି ଟ୍ରେଣ୍ଡର ଆରମ୍ଭ ନୋଷ୍ଟାଲଜିଆରୁ ହୋଇଥାଇପାରେ, କିନ୍ତୁ ଏହାର ସଫଳତା କେବଳ ପୁରୁଣା ସ୍ମୃତି ଉପରେ ନିର୍ଭରଶୀଳ ନୁହେଁ । କାରଣ ଏହି କଳାକାରମାନଙ୍କ ସହ ଦର୍ଶକଙ୍କ ଭାବନାତ୍ମକ ସମ୍ପର୍କ ଆଜି ମଧ୍ୟ ରହିଛି । ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରାସଙ୍ଗିକ ହୋଇ ରହିବା ପାଇଁ ଶକ୍ତ ଚରିତ୍ର ଆବଶ୍ୟକ ଏବଂ ଆଜିର କାହାଣୀଗୁଡ଼ିକ କଳାକାରମାନଙ୍କ ବୟସ, ଅଭିଜ୍ଞତା ଓ ବ୍ୟକ୍ତିତ୍ୱ ଅନୁଯାୟୀ ଲେଖାଯାଉଛି । ଏହି କାରଣରୁ ଦର୍ଶକମାନେ ଏବେ ମାଧୁରୀଙ୍କୁ କେବଳ ଗ୍ଲାମରସ୍ କିମ୍ବା ରୋମାଣ୍ଟିକ ଭୂମିକାରେ ନୁହେଁ, ବରଂ ଜଟିଳ ଓ ଭାବପୂର୍ଣ୍ଣ ଚରିତ୍ରରେ ମଧ୍ୟ ଗ୍ରହଣ କରୁଛନ୍ତି। ସେହିଭଳି ବବି, ଅକ୍ଷୟ ଏବଂ ରବିନା ମଧ୍ୟ ନିଜର ପୁରୁଣା ଭାବମୂର୍ତ୍ତିରୁ ବାହାରି ଭିନ୍ନ ଧରଣର ଅଭିନୟ କରୁଛନ୍ତି, କାରଣ ଆଜିର ଦର୍ଶକ କେବଳ ଷ୍ଟାରଡମ୍ ନୁହେଁ, ବରଂ ପ୍ରଭାବଶାଳୀ ଅଭିନୟ ଓ ବିଶ୍ୱାସଯୋଗ୍ୟ ଚରିତ୍ର ଚାହାନ୍ତି ।


## ଦ୍ୱିତୀୟ ଇନିଂସ

ଏହି ଦ୍ୱିତୀୟ ଇନିଂସରେ ୮୦-୯୦ ଦଶକର ଏହି ଷ୍ଟାରମାନେ ଖେଳ ବଦଳାଉଛନ୍ତି । ସନି ଦେଓଲ ଏବେ ବଡ଼ ଡିଜିଟାଲ୍ ଓ ସିରିଜ୍ କ୍ଷେତ୍ର ଆଡ଼କୁ ପାଦ ବଢ଼ାଉଛନ୍ତି । ସେହିଭଳି ବବି ଦେଓଲ ନିଜର ଗ୍ରେ ବା ଖଳନାୟକ ଏବଂ ଗମ୍ଭୀର ଚରିତ୍ର ମାଧ୍ୟମରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିସାରିଛନ୍ତି । ମାଧୁରୀ ଦୀକ୍ଷିତ ନିଜର ରୋମାଣ୍ଟିକ ଭାବମୂର୍ତ୍ତିରୁ ଦୂରେଇ ଯାଇ ଗ୍ରେ ଶେଡ୍ ଏବଂ ନକାରାତ୍ମକ ଭୂମିକା ଚୟନ କରୁଛନ୍ତି । କାଜୋଲ କ୍ରମାଗତ ଭାବେ ଓଟିଟିର ଅଂଶ ହେଉଛନ୍ତି ଏବଂ ଦକ୍ଷିଣ ଭାରତୀୟ ସିନେମାରେ ମଧ୍ୟ ବେଶ୍ ସକ୍ରିୟ ଅଛନ୍ତି। କରିସ୍ମା କପୁର ସୀମିତ ମାତ୍ରାରେ କିନ୍ତୁ ପ୍ରିମିୟମ କଣ୍ଟେଣ୍ଟ, ସୋଲୋ ଆକ୍ସନ ଭିତ୍ତିକ ଶ୍ରେଷ୍ଠ ଭୂମିକା ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି ।


## ପରିବର୍ତ୍ତନର କାରଣ


ଷ୍ଟ୍ରିମିଂ ଇଣ୍ଡଷ୍ଟ୍ରିର ପୂର୍ବାନୁମାନ ଅନୁଯାୟୀ, ଷ୍ଟାର୍ ସିଷ୍ଟମ ବଦଳିବାର କାରଣ ମଧ୍ୟ ବେଶ୍ ଆକର୍ଷଣୀୟ । ଭାରତୀୟ ଓଟିଟି ଦର୍ଶକଙ୍କ ମଧ୍ୟରୁ ପ୍ରାୟ ୪୭% ଦର୍ଶକ ୩୫ ବର୍ଷରୁ ଅଧିକ ବୟସ୍କ । ଏହି ବର୍ଗର ଲୋକମାନେ ହିଁ ୯୦ ଏବଂ ୨୦୦୦ ଦଶକରେ ଏହି କଳାକାରମାନଙ୍କୁ ସେମାନଙ୍କର ଶୀର୍ଷ ସ୍ଥାନରେ ଦେଖିଥିଲେ । ଅନ୍ୟପଟେ, ୧୮ - ୩୪ ବର୍ଷ ବୟସ୍କ ଦର୍ଶକଙ୍କ ଭାଗିଦାରୀ ମଧ୍ୟ ପ୍ରାୟ ୫୩% ରହିଛି । ଏଭଳି ସ୍ଥିତିରେ ଓଟିଟି ପ୍ଲାଟଫର୍ମଗୁଡ଼ିକ ସାମ୍ନାରେ କେବଳ ପୁରୁଣା ଦର୍ଶକଙ୍କୁ ଫେରାଇ ଆଣିବା








ଚ୍ୟାଲେଞ୍ଜ ନୁହେଁ, ବରଂ ଗୋଟିଏ ଚେହେରା ମାଧ୍ୟମରେ ଦୁଇଟି ପିଢ଼ିକୁ ଯୋଡ଼ିବାର ଆବଶ୍ୟକତା ରହିଛି । ଏହି କାରଣରୁ ଆଜି ଅଭିଜ୍ଞ କଳାକାରମାନଙ୍କୁ କେବଳ ଷ୍ଟାର୍ ପାୱାର୍ ଭାବେ ନୁହେଁ, ବରଂ କମ୍ ମାର୍କେଟିଂ ଖର୍ଚ୍ଚ ଏବଂ ହାଇ ରିକଲ ଭ୍ୟାଲୁ ଭାବରେ ଦେଖାଯାଉଛି ।

## ପାରମ୍ପରିକ ନିୟମରେ ପରିବର୍ତ୍ତନ

ଓଟିଟି କାଷ୍ଟିଂର ପାରମ୍ପରିକ ନିୟମକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି । ଏବେ ପ୍ଲାଟଫର୍ମଗୁଡ଼ିକ ସେହି କଳାକାରମାନଙ୍କ ଉପରେ ବଡ଼ ବାଜି ଲଗାଉଛନ୍ତି, ଯେଉଁମାନଙ୍କୁ କେବେ ବିଗତ ଦିନର କଳାକାର ବୋଲି ଧରିନିଆଯାଇଥିଲା । ଏହା ପଛରେ କେବଳ ପୁରୁଣା ସ୍ମୃତି ନାହିଁ, ବରଂ ବଦଳୁଥିବା ଦର୍ଶକ ଏବଂ ସେମାନଙ୍କର କଣ୍ଟେଣ୍ଟ ଦେଖିବାର ନୂଆ ଅଭ୍ୟାସର ବଡ଼ ପ୍ରଭାବ ରହିଛି । ଏହି କାରଣରୁ ଅଭିଜ୍ଞ କଳାକାରମାନଙ୍କୁ ନୂଆ ଏବଂ ପରୀକ୍ଷାମୂଳକ ଚରିତ୍ର ମିଳୁଛି, ଯେପରିକି 'ମା ବେହେନ୍'ରେ ମାଧୁରୀଙ୍କ ଗ୍ରେ ଶେଡ୍ ଏବଂ ଜଣେ ମା'ର ଚରିତ୍ର। ଏଭଳି ଅନେକ ଉଦାହରଣ ରହିଛି ।

## ନୂଆ ଅବତାର

ବର୍ତ୍ତମାନ ଓଟିଟି ପ୍ଲାଟଫର୍ମଗୁଡ଼ିକରେ ୯୦ ଦଶକ ଏବଂ ୨୦୦୦ ଦଶକର ପ୍ରାରମ୍ଭିକ ସମୟର ସୁପରଷ୍ଟାରମାନଙ୍କର ଦ୍ୱିତୀୟ ଇନିଂସ ଅଧିକ ମଜବୁତ ହେବାରେ ଲାଗିଛି। ଡିଜିଟାଲ୍ ଦୁନିଆର ଏହି ନୂଆ କାହାଣୀ ଓ ଚରିତ୍ରଗୁଡ଼ିକ ପୁରୁଣା କଳାକାରମାନଙ୍କୁ ସେମାନଙ୍କ ବୟସ ଏବଂ ଅଭିଜ୍ଞତା ଅନୁଯାୟୀ ଅଭିନୟ କରିବାର ଏକ ବଡ଼ ସୁଯୋଗ ଦେଇଛି। ଫଳରେ ଦର୍ଶକମାନେ ମଧ୍ୟ ନିଜର ପ୍ରିୟ ପୁରୁଣା ଷ୍ଟାରମାନଙ୍କୁ ଏକ ସମ୍ପୂର୍ଣ୍ଣ ନୂଆ ଏବଂ ପ୍ରଭାବଶାଳୀ ରୂପରେ ଦେଖିବାକୁ ପାଉଛନ୍ତି।


## ବବି ଦେଓଲ

ବବି ଦେଓଲ ଓଟିଟି ପ୍ଲାଟଫର୍ମ ମାଧ୍ୟମରେ ନିଜ କ୍ୟାରିୟରର ଏକ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ୱେବସିରିଜ 'ଆଶ୍ରମ' ସିରିଜ୍‌ରେ ବାବା ନିରାଲାଙ୍କ ଚରିତ୍ରରେ ଅଭିନୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହା ବ୍ୟତୀତ ସେ ନିଜର ଖଳନାୟକ ଏବଂ ଗମ୍ଭୀର ଚରିତ୍ର ମାଧ୍ୟମରେ ଓଟିଟିରେ ଏକ





















ମଜବୁତ ସ୍ଥାନ ସୃଷ୍ଟି କରିସାରିଛନ୍ତି । ଆଗାମୀ ଦିନରେ ସେ ଆର୍ଯ୍ୟନ ଖାନଙ୍କ ବହୁପ୍ରତୀକ୍ଷିତ ପ୍ରୋଜେକ୍ଟରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ । ଏହାପରେ ତାଙ୍କୁ ଅନେକ ହିଟ ଫିଲ୍ମରେ ମଧ୍ୟ ଦେଖିବାକୁ ମିଳିସାରିଛି ।

## ସନି ଦେଓଲ

ବଡ଼ ପରଦାରେ ଆକ୍ସନ ହିରୋ ଭାବେ ଜଣାଶୁଣା ସନି ଦେଓଲ ଏବେ ନିଜର ଓଟିଟି ଡେବ୍ୟୁପାଇଁ ଅପେକ୍ଷା କରିଛନ୍ତି । ନିକଟରେ ଗଦର ପ୍ରୋଜେକ୍ଟ ଜରିଆରେ କମବ୍ୟାକ କରିଥିବା ସନି ଆଗକୁ ଇକ୍କା ନାମକ ପ୍ରୋଜେକ୍ଟରେ ନଜର ଆସିବେ । ଯାହାକୁ ବିଶେଷଭାବେ ନେଟଫ୍ଲିକ୍ସରେ ହିଁ ଲଞ୍ଚ କରାଯିବ । ନିଜର ପାରମ୍ପରିକ ଆକ୍ସନ ଶୈଳୀରୁ ବାହାରି ବର୍ତ୍ତମାନ ସେ ବିଶେଷ ଭାବେ ଓଟିଟି ପାଇଁ ପ୍ରସ୍ତୁତ ହେଉଛନ୍ତି ।

## ଅକ୍ଷୟ ଖାନ୍ନା

୯୦ ଦଶକର ସୁପରହିଟ ହିରୋ ଅଭିନେତା ଅକ୍ଷୟ ଖାନ୍ନା ଓଟିଟିରେ ଜବରଦସ୍ତ କମବ୍ୟାକ କରିଛନ୍ତି । ସେ 'ଷ୍ଟେଟ୍ ଅଫ୍ ସିଜ୍: ଟେମ୍ପଲ୍ ଆଟାକ୍' ଭଳି ପ୍ରୋଜେକ୍ଟରେ ନିଜର ଦମଦାର୍ ଅଭିନୟ ପ୍ରଦର୍ଶନ କରିଛନ୍ତି । ଏହା ବ୍ୟତୀତ ଆଗାମୀ ୱେବ୍ ସିରିଜ୍ 'ଇକ୍କା'ରେ ସେ ସନି ଦେଓଲଙ୍କ ସହ ସ୍କ୍ରିନ୍ ସେୟାର୍ କରୁଥିବାର ଦେଖିବାକୁ ମିଳିବେ । ସେ ନିଜର ରୋମାଣ୍ଟିକ ଚରିତ୍ରରୁ ବାହାରି ଏବେ ଅଧିକ ପରିପକ୍ୱ ଓ ଗମ୍ଭୀର ଭୂମିକାରେ ଅଭିନୟ କରୁଛନ୍ତି ।






ଯାହାକୁ ଦର୍ଶକ ପସନ୍ଦ ମଧ୍ୟ କରୁଥିବା ଦେଖିବାକୁ ମିଳୁଛି ।

## ମାଧବନ ଏବଂ କେ.କେ. ମେନନ

ଓଟିଟି ପ୍ଲାଟଫର୍ମରେ ଏହି ଦୁଇ ପ୍ରତିଷ୍ଠିତ ଅଭିନେତା ପ୍ରମୁଖ ଚେହେରା ପାଲଟିଛନ୍ତି । ଅନେକ ପ୍ରୋଜେକ୍ଟରେ ଉଭୟଙ୍କର ଚମତ୍କାର ଅଭିନୟକୁ ଦର୍ଶକ ଖୁବ ଭଲ ପାଇବା ଦେଉଥିବା ଦେଖିବାକୁ ମିଳୁଛି । ନେଟଫ୍ଲିକ୍ସର ପପୁଲାର ସିରିଜ୍ 'ଦି ରେଲୱେ ମ୍ୟାନ୍'ରେ ଏହି ଦୁଇ ଜଣଙ୍କ ଅସାଧାରଣ ଅଭିନୟକୁ ଦର୍ଶକ ଓ ସମୀକ୍ଷକ ବେଶ୍ ପ୍ରଶଂସା କରିଛନ୍ତି । ସେହିଭଳି ମାଧବନ 'ବ୍ରେଦ୍' ସିରିଜ୍ ମାଧ୍ୟମରେ ଡିଜିଟାଲ୍ ଦୁନିଆରେ ନିଜର ଉପସ୍ଥିତିକୁ ଆହୁରି ମଜବୁତ କରିଛନ୍ତି ।

## ମାଧୁରୀ ଦୀକ୍ଷିତ

ବଲିଉଡ୍‌ର 'ଧକ୍ ଧକ୍ ଗର୍ଲ' ମାଧୁରୀ ଦୀକ୍ଷିତ ଓଟିଟି ପ୍ଲାଟଫର୍ମ ମାଧ୍ୟମରେ ନିଜର ଏକ ସମ୍ପୂର୍ଣ୍ଣ ଭିନ୍ନ ରୂପ ଦର୍ଶକଙ୍କ ସାମ୍ନାକୁ ଆଣିଛନ୍ତି । ସେ 'ଦି ଫେମ୍ ଗେମ୍' ୱେବ୍ ସିରିଜ୍ ନିଜର ଡିଜିଟାଲ୍ ଡେବ୍ୟୁ କରିଥିଲେ । ଏବେ ସେ ନିଜର ପୁରୁଣା ଗ୍ଲାମରସ୍ ଓ ରୋମାଣ୍ଟିକ ଭାବମୂର୍ତ୍ତିରୁ ଦୂରେଇ ଯାଇ ଅଧିକ ଜଟିଳ, ଭାବପୂର୍ଣ୍ଣ ଏବଂ ନକାରାତ୍ମକ ଚରିତ୍ର ଚୟନ କରୁଛନ୍ତି । ଦର୍ଶକ ମଧ୍ୟ ତାଙ୍କୁ ଏହି ସମସ୍ତ ଚରିତ୍ରରେ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି । ତାଙ୍କର ଆଗାମୀ ପ୍ରୋଜେକ୍ଟ 'ମା ବେହେନ୍'  ରେ ମଧ୍ୟ ତାଙ୍କର ଏକ ନିଆରା ଚରିତ୍ର ଦେଖିବାକୁ ମିଳିବ ।

## କାଜୋଲ

କାଜୋଲ କ୍ରମାଗତ ଭାବେ ଓଟିଟି ପ୍ଲାଟଫର୍ମ ସହ ଜଡ଼ିତ ରହି ବିଭିନ୍ନ ପ୍ରକାରର ପରୀକ୍ଷାମୂଳକ କାର୍ଯ୍ୟ କରୁଛନ୍ତି । ତାଙ୍କୁ 'ତ୍ରିଭଙ୍ଗା' ଚଳଚ୍ଚିତ୍ର ଏବଂ 'ଦି ଗୁଡ୍ ୱାଇଫ୍'ର ଭାରତୀୟ ଆଡାପ୍ଟେସନ୍ 'ଦି ଟ୍ରାଏଲ୍' ୱେବ୍ ସିରିଜ୍‌ରେ ଜଣେ ଓକିଲ ଭୂମିକାରେ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ହିନ୍ଦୀ ବ୍ୟତୀତ ସେ ଦକ୍ଷିଣ ଭାରତୀୟ ସିନେମା ଏବଂ ଓଟିଟି ପ୍ରୋଜେକ୍ଟରେ ମଧ୍ୟ ବେଶ୍ ସକ୍ରିୟ ଅଛନ୍ତି ।

## ରବିନା ଟଣ୍ଡନ

ରବିନା ଟଣ୍ଡନ ଓଟିଟି ପ୍ଲାଟଫର୍ମରେ ନିଜର ଭିନ୍ନ ଶୈଳୀର ଅଭିନୟ ପାଇଁ ବେଶ୍ ଚର୍ଚ୍ଚାରେ ଅଛନ୍ତି । ନେଟଫ୍ଲିକ୍ସର କ୍ରାଇମ୍ ବେସଡ୍ ସିରିଜ୍ 'ଆରଣ୍ୟକ' ରେ ଜଣେ ମହିଳା ପୋଲିସ୍ ଅଫିସର ଭୂମିକାରେ ତାଙ୍କର ଅଭିନୟ ସମସ୍ତଙ୍କୁ ଚକିତ କରିଥିଲା । ଏହା ପରେ ସେ 'କର୍ମା କଲିଂ' ସିରିଜ୍‌ରେ ଏକ ସମୃଦ୍ଧ ଓ ପ୍ରଭାବଶାଳୀ ମହିଳାର ଚରିତ୍ରରେ ଅଭିନୟ କରି ନିଜର ପୁରୁଣା ଷ୍ଟାର୍ ଇମେଜ୍‌କୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛନ୍ତି ।

## କରିସ୍ମା କପୁର

୯୦ ଦଶକର ଅନ୍ୟତମ ଅଭିନେତ୍ରୀ କରିସ୍ମା କପୁର ମଧ୍ୟ ଓଟିଟିରେ ନିଜର ଉପସ୍ଥିତି ଜାହିର କରିଛନ୍ତି । ସେ 'ମେଣ୍ଟାଲହୁଡ୍' ସିରିଜ୍ ସାହାଯ୍ୟରେ ଓଟିଟି ଦୁନିଆରେ ପାଦ ରଖିଥିଲେ । ବର୍ତ୍ତମାନ ସେ ମୁଖ୍ୟତଃ ସୋଲୋ ଆକ୍ସନ ଭିତ୍ତିକ ଶ୍ରେଷ୍ଠ ଚରିତ୍ର ଏବଂ ମହିଳା କେନ୍ଦ୍ରୀତ କାହାଣୀ ପ୍ରତି ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି ।

## ଜୁହି ଚାୱଲା

ନିଜର ହସଖୁସିଆ ଚୁଲବୁଲି ଅଭିନୟ ପାଇଁ ପପୁଲାର ଜୁହି ଚାୱଲା ଓଟିଟିରେ ଅତି ଗମ୍ଭୀର ଭୂମିକାରେ ନଜର ଆସିଛନ୍ତି । ସେ ଆମାଜନ ପ୍ରାଇମର ମିଷ୍ଟ୍ରି ଥ୍ରୀଲର ସିରିଜ୍ 'ହସ ସ ହସ'  ଏବଂ ନେଟଫ୍ଲିକ୍ସର 'ଦି ରେଲୱେ ମ୍ୟାନ୍' ରେ ଏକ ପ୍ରଭାବଶାଳୀ ଚରିତ୍ରରେ ଅଭିନୟ କରି ନିଜର ଏକ ଭିନ୍ନ ଅନ୍ଦାଜ ଦର୍ଶକଙ୍କୁ ଦେଖାଇଛନ୍ତି । ଯାହାକୁ ଦର୍ଶକ ମଧ୍ୟ ଖୁବ ଭଲପାଇବା ଦେଉଥିବା ଦେଖିବାକୁ ମିଳୁଛି ।





## ମୃଣାଳ

ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୬୧୯୪

# ଲିକ-କାଳ

ନବଘନ କହିଲା, ଭାରତରେ ଅମୃତ କାଳ ଆସିବ ବୋଲି ଆଶା କରିଥିଲୁ, ହେଲେ ଯାହା ଦେଖାଯାଉଛି ଏବେ ଲିକ-କାଳ ଚାଲିଛି । ନିଟ ପରୀକ୍ଷା ପ୍ରଶ୍ନପତ୍ର ଲିକ ହେଲା । ଏହା ପୂର୍ବରୁ ବି ଅନେକ ଥର ବିଭିନ୍ନ ପରୀକ୍ଷାର ପ୍ରଶ୍ନପତ୍ର ଲିକ ହୋଇଛି । ବିହାରରେ ବ୍ରିଜଗୁଡ଼ାକ ନିୟମିତ ଲିକ ହୋଇ ତଳେ ଖସି ପଡୁଛନ୍ତି । ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଦଳଟା ତିନିପା ଲିକ ହୋଇ ଗଲାଣି । ଅଯୋଧ୍ୟାର ରାମ ମନ୍ଦିର ଦାନପତ୍ରରୁ ଦର୍ଶନାର୍ଥୀ ଦେଇଥିବା ଅର୍ଥ ଲିକ ହେଲା । ପୁରୀ ଶ୍ରୀମନ୍ଦିରରେ ଗୁଆ ଘିଅ ବଦଳରେ ଡାଲଡା ବ୍ୟବହାରର ଖବର ଗଣମାଧ୍ୟମରେ ଲିକ ହେଲା । ଆଗକୁ ଆଉ କ'ଣ କ'ଣ ଲିକ ହେବ କେଜାଣି ! ତେବେ ମାନିବାକୁ ପଡିବ ଏନସିଇଆରଟି କର୍ତ୍ତୃପକ୍ଷଙ୍କୁ । ମହେଞ୍ଜୋଦାରୋ ଅମଳର ନୃତ୍ୟରତା ମହିଳା ମୂର୍ତ୍ତିର ଛବି ନବମ ଶ୍ରେଣୀ ପାଠ୍ୟ ପୁସ୍ତକରେ ରହିବା ଫଳରେ କାଳେ ଶାଳୀନତା ଲିକ କରିଯିବ ବୋଲି ଭାବି ତାକୁ ବ୍ଲର କରି ଛାପିଲେ । ଇଆଡ଼େ ଓଡ଼ିଶା ସରକାରଙ୍କ ସ୍କୁଲ ବହିରେ ଏତେ ଭୁଲ ବାହାରୁଛି ଯେ ତାକୁ ଲିକ ନ କହି ଲୋକେ ଭୁଲର ବନ୍ୟା କହୁଛନ୍ତି ।

# ପୁନର୍ବାସ ସମାଚାର

ଗୋଟେ ଦେଶ ବା ସମାଜ କେତେ ଉନ୍ନତ ତାହା ଜାଣିବାର କେତୋଟି ଲକ୍ଷଣରୁ ଗୋଟିଏ ହେଲା - ଏହା କେତେ ଇନକ୍ଲୁସିଭ ? ସେ ଦେଶ ବା ସମାଜରେ ଭିନ୍ନକ୍ଷମମାନେ ସାଧାରଣ ଜୀବନ ଯାପନ କରି ପାରୁଛନ୍ତି ତ ! ସମାଜ ସେମାନଙ୍କୁ କେଉଁ ଆଖିରେ ଦେଖୁଛି ? ଦୁଃଖର ବିଷୟ ଆମ ସମାଜ ଏଯାଏଁ ଭିନ୍ନକ୍ଷମମାନଙ୍କୁ ସାଧାରଣ ଜୀବନ ଯାପନର ନ୍ୟୁନତମ ସୁବିଧା ଦେଇପାରିନାହିଁ । ଆମର ଅଧିକାଂଶ ସ୍କୁଲ କଲେଜ ସରକାରୀ ଦପ୍ତର, ଯାତାୟାତ ବ୍ୟବସ୍ଥା - ଭିନ୍ନକ୍ଷମ ଉପଯୋଗୀ ନୁହଁ । ଏ କ୍ଷେତ୍ରରେ ସାମାଜିକ ଚେତନାର ବଡ଼ ଅଭାବ । ଅନେକେ ହୁଏତ ଜାଣିନାହାନ୍ତି ଯେ ଓଡ଼ିଶାରୁ ଭିନ୍ନକ୍ଷମମାନଙ୍କ ସମସ୍ୟାକୁ ନେଇ ଏକ ଦ୍ୱି-ଭାଷୀ (ଇଂରାଜୀ ଓ ଓଡ଼ିଆ ଭାଷାରେ) ପତ୍ରିକା ପ୍ରକାଶିତ ହେଉଛି । ଡ. ବିରଜା ରାଉତରାୟଙ୍କ ସମ୍ପାଦନାରେ ପ୍ରକାଶିତ ଏ ପତ୍ରିକାର ନାଁ ହେଲା 'ପୁନର୍ବାସ ସମାଚାର' । ଭିନ୍ନକ୍ଷମମାନଙ୍କ ବିଭିନ୍ନ ପ୍ରସଙ୍ଗ ନେଇ ଏଥିରେ ଆଲୋଚନା ହୁଏ । ଏହାର ୱେବସାଇଟ ହେଲା: https://punarbasasamachar.com. ପତ୍ରିକାଟିକୁ ପଢନ୍ତୁ । ଭିନ୍ନକ୍ଷମମାନଙ୍କ ସମସ୍ୟା କୁ ଜାଣନ୍ତୁ । ଇନକ୍ଲୁସିଭ ସମାଜ ପାଇଁ ଏହା ଅତ୍ୟନ୍ତ ଜରୁରୀ ।



## ତାଳ ସଜ

ବଜାରକୁ ତାଳ ସଜ ବହୁତ ଆସିଛି । ତାଳ ସଜ କିଣୁ କିଣୁ ମୁଣ୍ଡକୁ ଗୋଟେ କଥା ଆସିଲା । ତାଳ ସଜକୁ ଇଂରାଜୀରେ 'ଆଇସ ଆପଲ' କହନ୍ତି । ତାଳ ସଜର ଚୋପା ଛଡେଇଦେଲେ ତାହା ବରଫଖଣ୍ଡ ଭଳି ଦିଶେ ବୋଲି ବୋଧେ ନାଁରେ ରହିଛି 'ଆଇସ' । କିନ୍ତୁ 'ଆପଲ' କାହିଁକି ? ପଚାରିଲି ନବଘନକୁ । ତା' ପାଖରେ ସବୁ ପ୍ରଶ୍ନର ଉତ୍ତର । ସେ କହିଲା, ବ୍ରିଟିଶମାନେ ଯେତେବେଳେ ଭାରତକୁ ଆସିଲେ - ନାନା ଜାତି ଫଳ ଦେଖି ସେମାନଙ୍କ ମୁଣ୍ଡ ଖରାପ ହୋଇଗଲା । ସେମାନେ ତ ଆସିଥାନ୍ତି ଛୋଟିଆ ଗୋଟେ ଦେଶରୁ । ତା ପୁଣି ଥଣ୍ଡା ଦେଶ । ସେମାନେ ଦେଖିଥିବା ଫଳ ଥିଲା ସେଓ - ଆପଲ । ତେଣୁ ଭାରତରେ ଦେଖିଥିବା ବହୁ ଫଳ ସହିତ ସେମାନେ ଆପଲ ଶବ୍ଦକୁ ଯୋଡ଼ିଦେଲେ । 'ବେଲ'କୁ କହିଲେ ଉଡ ଆପଲ । ସପୁରୀକୁ କହିଲେ 'ପାଇନ' ଆପଲ । 'ଜାମରୁଳ'କୁ କହିଲେ ରୋଜ ଆପଲ । 'ଆତ'କୁ କହିଲେ କଷ୍ଟାର୍ଡ଼ ଆପଲ ।

# ବିଶ୍ୱକପ ଫୁଟବଲ : କେପ ବରଦି

ଏଥର ବିଶ୍ୱ କପ ଫୁଟବଲ ଟୁର୍ନାମେଣ୍ଟରେ ଚାରୋଟି ନୂଆ ଦଳ ଖେଳୁଛନ୍ତି: କେପ ବରଦି, କୁରାସାଓ, ଜର୍ଡାନ ଆଉ ଉଜବେକିସ୍ତାନ । ଆକାର ଏବଂ ଲୋକସଂଖ୍ୟାରେ କେପ ବରଦି ଏବଂ କୁରାସାଓ ଖୁବ ଛୋଟ ଦେଶ । କୁରାସାଓ କଥା ଆଗରୁ ଲେଖିଥିଲି, ଆଜି କେପ ବରଦି କଥା । ପଶ୍ଚିମ ଆଫ୍ରିକା ଉପକୂଳରେ ଅବସ୍ଥିତ ଏ ଦେଶଟି ହେଲା ଦଶଟି ଦ୍ୱିପର ସମାହାର । ମୋଟ ଲୋକସଂଖ୍ୟା ୫ ଲକ୍ଷ ୨୫ହଜାର । ଭୁବନେଶ୍ୱରର ଲୋକସଂଖ୍ୟା ଏବେ ପାଖାପାଖି ୧୫ ଲକ୍ଷ । ବିଶ୍ୱକପ ଫୁଟବଲ ଇତିହାସରେ ଏହା ହେଲା ତୃତୀୟ ଛୋଟ ଦେଶ । ପର୍ତ୍ତୁଗିଜ ହେଲା ଏଠିକାର ସରକାରୀ ଭାଷା । ପର୍ତ୍ତୁଗିଜ ସଂସ୍କୃତିର ଛାପ ଏଠି ସ୍ପଷ୍ଟ । ଏ ଦେଶର ଫୁଟବଲ କ୍ଷେତ୍ରରେ ଅଗ୍ରଗତି ପଛରେ ମୁଖ୍ୟ ପ୍ରଶିକ୍ଷକ ବୁବିସ୍ତାଙ୍କ ଅବଦାନ ସବୁଠୁ ଅଧିକ ।

## ବିଜୁଳି

ନବଘନ ଯେଉଁଠି ରହେ ସେଠି ବିଜୁଳି ରହେ କମ, ଯାଏ ବେଶି । ନବଘନ ଦିନେ ବିଜୁଳି ବିଭାଗର ଅଧିକାରୀଙ୍କୁ ଗୋଟେ ଚିଠି ଲେଖିଲା, ଭାଇ ଦେଖ ମୁଁ ଗରମ ଆଉ ଗୁଳୁଗୁଳି ପାଗକୁ ଠିକ ଭାବେ ଉପଭୋଗ କରି ପାରୁ ନାହିଁ । ମଝିରେ ମଝିରେ ବିଜୁଳି ଆସି ବିରକ୍ତ କରି ଦେଉଛି । ତାକୁ ପରମାନେଣ୍ଟଲି କାଟିଦିଅ ।





## ଲିଚୁ

ଶାନ୍ତିରେ ଟିକେ ଡାଲପତ୍ର କିଣି ଖାଇବି, ସେ ଉପାୟ ନାହିଁ । ଦୋକାନୀ ତା'ଭିତରେ ଜୋର କରି କେତେଟା ଲିଚୁ ଦେଇ ଦେଇଛି ।

## ତମକୁ କ'ଣ ଅସୁବିଧା ?

ମନ୍ଦିର ଶ୍ରୀରାମଙ୍କର । ରାମ ଭକ୍ତମାନେ ଦାନ ଦେଲେ । ଦାନ-ପାତ୍ରରୁ କିଛି ରାମଭକ୍ତ ଟଙ୍କା ନେଇଗଲେ । ତମକୁ କ'ଣ ଅସୁବିଧା ? ଶ୍ରୀମନ୍ଦିରରେ ଠାକୁରଙ୍କ ଇଛା ହେଲା ଗୁଆଘିଅ ବଦଳରେ ବନସ୍ପତି ତିଆରି ଭୋଗ ଖାଇବେ । ତମକୁ କ'ଣ ଅସୁବିଧା ?

# ବିଶ୍ୱକପ ଫୁଟବଲ ଏବଂ ପିଏଚଡି

ପିଏଚଡି ହେଲା କୌଣସି ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ଡିଗ୍ରୀ । ଘମାଘୋଟ ଗବେଷଣା ପରେ ଏହା ମିଳେ । ଏହା ସହିତ ବିଶ୍ୱକପ ଫୁଟବଲର ସିଧା ସଳଖ ସମ୍ପର୍କ କିଛି ରହିବା କଥା ନୁହେଁ । କେହି ଯଦି ବିଶ୍ୱକପ ଫୁଟବଲ ଉପରେ ଗବେଷଣା କରିବାକୁ ଚାହୁଁଛନ୍ତି, ସେକଥା ଭିନ୍ନ । ତେବେ ଉଭୟଙ୍କର କିଛି ଗହନ ସମ୍ପର୍କ ରହିଛି । ମୁଁ ଆଉ ମୋ ପୁଅ ଉଭୟେ ପିଏଚଡି ଡିଗ୍ରୀ ହାସଲ କରିଛୁ ଆଉ ଉଭୟେ ବିଶ୍ୱକପ ଫୁଟବଲ ଫ୍ୟାନ । ତେଣୁ ଜାଣିଛୁ । ବିଶ୍ୱକପ ଫୁଟବଲ ଚାରିବର୍ଷରେ ଥରେ ହୁଏ । ପିଏଚଡି ଡିଗ୍ରୀ ପାଇଁ ଅତି କମରେ ଚାରିବର୍ଷ ଲାଗେ । ବିଶ୍ୱକପ ଫୁଟବଲ ଖେଳ ବହୁତ ସମୟରେ ଭାରି ବୋରିଂ । ଖେଳ ବହୁତ ସ୍ଲୋ ଚାଲିଥିବ । ହେଲେ ବୋରିଂ ଖେଳ ଅଚାନକ ଇଣ୍ଟେରେଷ୍ଟିଙ୍ଗ ହୋଇଯାଇପାରେ । ସମାନ କଥା ପିଏଚଡିରେ । ବିଶ୍ୱକପ ଫୁଟବଲର ଖେଳାଳିମାନେ ବେଶ ଆଥଲେଟିକ । ପିଏଚଡି କରୁଥିବା ଗବେଷକମାନେ ବେଶ ପାଠୁଆ । ବୁଦ୍ଧିମାନ କି ନାହିଁ, କହିପାରିବିନି । ମୋ ପତ୍ନୀ ମୋତେ ବା ମୋ ପୁଅକୁ ବୁଦ୍ଧିମାନରେ ଗଣନ୍ତି ନାହିଁ । ବିଶ୍ୱକପ ଫୁଟବଲ ଫାଇନାଲକୁ ଯିବା ପାଇଁ ବହୁତ ମେହନତ କରିବାକୁ ପଡିଥାଏ, ଆଉ ଭାଗ୍ୟର ସମର୍ଥନ ଦରକାର । ପିଏଚଡି କ୍ଷେତ୍ରରେ ବି ସମାନ କଥା । ବହୁତ ମେହନତ ଦରକାର । ତା ସହିତ ଗାଇଡ ଆଉ ପିଏଚଡି ବ୍ୟାପାର ବୁଝୁଥିବା ଦପ୍ତରର କିରାଣୀମାନଙ୍କ ସମର୍ଥନ ଦରକାର । ବିଶ୍ୱକପ ଫୁଟବଲକୁ ଲକ୍ଷ ଲକ୍ଷ ଲୋକ ଦେଖନ୍ତି । ହଜାର ହଜାର ସ୍ନାତକ ପିଏଚଡି କରିବାକୁ ଚାହିଁ ବସିଥାନ୍ତି ।

# କ୍ରାଇମ ଥ୍ରୀଲରରେ ହୁମା


ବଲିଉଡ୍ ଅଭିନେତ୍ରୀ ହୁମା କୁରେଶୀଙ୍କ ଆଗାମୀ କ୍ରାଇମ ଥ୍ରୀଲର୍ ଫିଲ୍ମ 'ବେବି ଦୋ ଡାଇ ଦୋ' ର ଟ୍ରେଲର୍ ମୁକ୍ତିଲାଭ କରିଛି, ଯାହା ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଛି । ଏହି ୨ ମିନିଟ୍ ୨୭ ସେକେଣ୍ଡର ଟ୍ରେଲର୍‌ରେ ହୁମା ଜଣେ ମୂକ ଓ ବଧିର ମହିଳା 'ବେବି କରମାର୍କର'ଙ୍କ ଭୂମିକାରେ ନଜର ଆସିଛନ୍ତି । ଯିଏ ମୁମ୍ବାଇର ଅପରାଧ ଦୁନିଆରେ ଜଣେ ସୁପାରୀ କିଲର୍ ଭାବେ ଗୁପ୍ତ ଜୀବନ ବିତାଉଛନ୍ତି । ନଚିକେତ ସାମନ୍ତଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ହୁମା କୁରେଶୀ ଏବଂ ତାଙ୍କ ଭାଇ ସାକିବ୍ ସଲିମ୍‌ଙ୍କ ପ୍ରଯୋଜନା ସଂସ୍ଥା 'ସଲିମ୍ ସିବ୍‌ଲିଙ୍ଗସ୍' ବ୍ୟାନରରେ ନିର୍ମିତ ପ୍ରଥମ ଫିଲ୍ମ ଅଟେ। ଏଥିରେ ସୀମା ସିକନ୍ଦର ଖେର, ଚଙ୍କି ପାଣ୍ଡେ ଏବଂ ପାହ୍ୱାଙ୍କ ଭଳି ଦକ୍ଷ କଳାକାରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି । କୌଣସି ସଂଳାପ ନଥାଇ କେବଳ ଆଖିର ଭାଷା ଓ ଅଭିନୟ ମାଧ୍ୟମରେ ହୁମା ଏହି ଚରିତ୍ରକୁ ଫୁଟାଇଛନ୍ତି, ଯାହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି । ଏହି ସାଇକୋଲୋଜିକାଲ୍ ସସପେନ୍ସ ଫିଲ୍ମଟି ଆସନ୍ତା ୨୦୨୬ ଜୁଲାଇ ୩ ତାରିଖରେ ରିଲିଜ ହେବାକୁ ଯୋଜନା ରହିଛି ।



# ବ୍ରେକ ନେବେ ସାମନ୍ଥା

ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ମା' ହେବାକୁ ଯାଉଥିବା ନେଇ ନିଜେ ସ୍ପଷ୍ଟ କରିଛନ୍ତି, ଯାହାକୁ ନେଇ ଏବେ ସବୁଠି ଚର୍ଚ୍ଚା ଜୋର୍ ଧରିଛି । ଗତ ଜୁନ୍ ୧୯ ରେ ମୁକ୍ତିଲାଭ କରିଥିବା ତାଙ୍କର ସୁପରହିଟ୍ ଫିଲ୍ମ 'ମା ଇନ୍ତି ବଙ୍ଗାରମ୍'ର ସକ୍ସେସ୍ ମିଟ୍‌ରେ ସେ ନିଜ ସ୍ୱାମୀ ତଥା ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କ ସହ ସାମିଲ ହୋଇଥିବା ବେଳେ ଗଣମାଧ୍ୟମକୁ ଏହି ଖୁସି ଖବର ଦେଇଛନ୍ତି। ଅନେକ ଦିନରୁ ତାଙ୍କ ମାଆ ହେବା କଥା ନେଇ ଆଲୋଚନା ଚାଲିଥିଲା। ତେବେ ଆଗକୁ ଫିଲ୍ମ ଦୁନିଆରୁ ଏକ ଛୋଟ ବ୍ରେକ୍ ନେବା ପରେ ପୁଣି ଥରେ ପରଦାକୁ ଫେରିବେ ବୋଲି ସାମନ୍ଥା ସ୍ପଷ୍ଟ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୨୦୨୫ ଡିସେମ୍ବର ୧ରେ ସାମନ୍ଥା 'ଦି ଫ୍ୟାମିଲି ମ୍ୟାନ୍'ର ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ବିବାହର ୬ ମାସ ପରେ ଏବେ ଏହି ଦମ୍ପତି ନିଜ ଜୀବନର ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି ।





# ନୂଆ ଅବତାର

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ପ୍ରଯୋଜକ ଦିନେଶ ବିଜନଙ୍କ ଆଗାମୀ ବାୟୋପିକ୍ ଫିଲ୍ମ 'ଇଥା' ମାଧ୍ୟମରେ ପୁଣି ଥରେ ବଡ଼ ପରଦାରେ ନିଜର ଜଲ୍‌ୱା ଦେଖାଇବାକୁ ପ୍ରସ୍ତୁତ ହେଉଛନ୍ତି । ଫିଲ୍ମଟି ଆସନ୍ତା ୨୦୨୬ ଅଗଷ୍ଟ ୨୮ ତାରିଖରେ ରିଲିଜ ହେବାନେଇ ସୂଚନା ରହିଛି । ନିକଟରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମର ଟିଜର୍‌ରେ ମହାରାଷ୍ଟ୍ରର ପ୍ରସିଦ୍ଧ ଲୋକନୃତ୍ୟ ଶିଳ୍ପୀ ବିଠାବାଇ ନାରାୟଣଗାଓଁକରଙ୍କ ସଂଘର୍ଷପୂର୍ଣ୍ଣ ଓ ଗୌରବମୟ ଜୀବନର ଏକ ଆକର୍ଷଣୀୟ ଝଲକ ଦେଖିବାକୁ ମିଳିଛି । ଏହି ଟିଜର୍‌ରେ ଶ୍ରଦ୍ଧା କପୁର ମହାରାଷ୍ଟ୍ରର ପାରମ୍ପରିକ 'ତମାସା' ଏବଂ 'ଲାବଣୀ' ନୃତ୍ୟକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନ କରିବା ସହ ନିଜ କ୍ୟାରିୟରର ସବୁଠାରୁ ଚ୍ୟାଲେଞ୍ଜିଂ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ଶ୍ରଦ୍ଧାଙ୍କ ଅଙ୍ଗଭଙ୍ଗୀ, ଅଭିନୟ ଏବଂ ଚମତ୍କାର ରୂପାନ୍ତରଣ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରୁଛି, ଯାହା ବିଠାବାଇଙ୍କ ଅସାଧାରଣ ତ୍ୟାଗ ଓ କଳା ପ୍ରତି ଥିବା ଭଲପାଇବାକୁ ଦର୍ଶାଉଛି । ସୂଚନାଅନୁସାରେ, ସୁପରହିଟ୍ 'ସ୍ତ୍ରୀ' ଫ୍ରାଞ୍ଚାଇଜ୍ ପରେ ଏହି ଫିଲ୍ମ ଜରିଆରେ ଶ୍ରଦ୍ଧା କପୁର ଓ ପ୍ରଯୋଜକ ଦିନେଶ ବିଜନ ପୁଣି ଏକାଠି କାମ କରୁଛନ୍ତି । ତେବେ ଶ୍ରଦ୍ଧାଙ୍କର ଏହି ନୂଆ ଅବତାର ଦର୍ଶକଙ୍କୁ ପସନ୍ଦ ଆସିବବୋଲି ମେକର୍ସ ଆଶା ରଖିଛନ୍ତି ।



# କରିବାକୁ ଅଛି ଅନେକ କାମ

ବଲିଉଡ୍‌ରୁ ଗ୍ଲୋବାଲ୍ ଷ୍ଟାର୍ ପାଲଟିଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍ ନିକଟରେ କାନ୍ସ ଲାୟନ୍ସ କନଫରେନ୍ସରେ ନିଜ ହଲିଉଡ୍ ଓ ବଲିଉଡ୍ କ୍ୟାରିୟରକୁ ନେଇ ଏକ ବଡ଼ ମତ ରଖିଛନ୍ତି । ପ୍ରିୟଙ୍କା ସ୍ୱୀକାର କରିଛନ୍ତି ଯେ, ଭାରତୀୟ ସିନେମାରେ ସେ ଯେଉଁ ସଫଳତାର ସାମ୍ରାଜ୍ୟ ଛାଡ଼ି ଆସିଛନ୍ତି, ତାହା ତୁଳନାରେ ତାଙ୍କର ହଲିଉଡ୍ କ୍ୟାରିୟର୍ ଏବେ ବି ପଛରେ ରହିଛି । ବଲିଉଡ୍‌ରେ ସେ ସବୁଠାରୁ ଶ୍ରେଷ୍ଠ ନିର୍ଦ୍ଦେଶକ ଓ କଳାକାରମାନଙ୍କ ସହ ବିଭିନ୍ନ ଶୈଳୀର ଚଳଚ୍ଚିତ୍ରରେ କାମ କରିଥିବା ବେଳେ, ଆମେରିକାରେ ସେ ଏପର୍ଯ୍ୟନ୍ତ ସେଭଳି ବିଭିନ୍ନତାପୂର୍ଣ୍ଣ ଭୂମିକା କରିବାର ସୁଯୋଗ ପାଇନାହାନ୍ତି । ଏକ ପ୍ରତିଷ୍ଠିତ ସୁପରଷ୍ଟାର୍ ହେବା ସତ୍ତ୍ୱେ ହଲିଉଡ୍‌ରେ ତାଙ୍କୁ ଜଣେ ନୂଆ କଳାକାର ଭାବେ ସଂଘର୍ଷ କରିବାକୁ ପଡ଼ିଥିଲା। ଏଥିସହିତ ସେ କହିଛନ୍ତି ଯେ, ନିକ୍ ଜୋନାସ୍‌ଙ୍କୁ ବିବାହ କରିବା ଏବଂ ଝିଅ ମାଲତୀ ମାରୀଙ୍କ ଜନ୍ମପରେ ତାଙ୍କ ଜୀବନର ପ୍ରାଥମିକତା ସମ୍ପୂର୍ଣ୍ଣ ବଦଳିଯାଇଛି । ଏବେ ସେ ବର୍ଷକୁ ୫ଟି ଫିଲ୍ମ କରିବା କିମ୍ବା ଆଗଭଳି ଅଧିକ ଯାତ୍ରା କରିବା ପରିବର୍ତ୍ତେ ନିଜ ପରିବାରକୁ ଅଧିକ ସମୟ ଦେଉଛନ୍ତି। ତେବେ ଆଗାମୀ ଦଶନ୍ଧିରେ ହଲିଉଡ୍‌ରେ ନୂଆ ନୂଆ ଚରିତ୍ର କରିବା ପାଇଁ ସେ ପ୍ରସ୍ତୁତ ହେଉଥିବା ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ଏସ.ଏସ. ରାଜାମୌଲିଙ୍କ ବହୁ ପ୍ରତିକ୍ଷିତ ଫିଲ୍ମ 'ବାରାଣସୀ' ମାଧ୍ୟମରେ ସେ ପୁଣି ଥରେ ଭାରତୀୟ ସିନେମାକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି ।



# ନିନ୍ଦନୀୟ ଘଟଣା

ପୁଣେରେ ଘଟିଥିବା କେତନ ଅଗ୍ରୱାଲ ହତ୍ୟା ମାମଲାରେ ତାଙ୍କ ମଙ୍ଗେତର ସିୟା ନିଜର ଦୋଷ ସ୍ୱୀକାର କରିବା ପରେ ସାରା ଦେଶରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଅଭିନେତ୍ରୀ ହିନା ଖାନ୍ ଗଭୀର ଚିନ୍ତା ଓ କ୍ରୋଧ ପ୍ରକାଶ କରିଛନ୍ତି। ହିନା ଖାନ୍ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, ଆଜିକାଲି ସତ କହିବା ଓ ଶୁଣିବା ଏତେ କଷ୍ଟକର ହୋଇପଡ଼ିଛି ଯେ ଲୋକେ କାହାର ଜୀବନ ନେବାକୁ ମଧ୍ୟ ପଛାଉ ନାହାନ୍ତି । ସିୟା ଚାହିଁଥିଲେ କେବଳ ସତ କହି ସମ୍ପର୍କ ଭାଙ୍ଗି ପାରିଥାନ୍ତେ, ହତ୍ୟା କରିବାର କୌଣସି ଆବଶ୍ୟକତା ନଥିଲା । ଅନ୍ୟପଟେ ଅଭିନେତ୍ରୀ ଆଞ୍ଚଲ ଖୁରାନା ମଧ୍ୟ ଏକ ଭିଡିଓ ସେୟାର କରି ଏହି ଘଟଣାକୁ ଦୃଢ ନିନ୍ଦା କରିଛନ୍ତି । ସୂଚନାଅନୁସାରେ, ଗତ ଜୁନ୍ ୧୮ ତାରିଖରେ ଲୋହଗଡ଼ ଦୁର୍ଗ ବୁଲିବା ସମୟରେ କେତନ ୪୦୦ ଫୁଟ୍ ଗଭୀର ଖାଇକୁ ଖସିପଡ଼ିଥିଲେ। ଯାହାକୁ ପ୍ରଥମେ ଦୁର୍ଘଟଣା କୁହାଯାଉଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ସିସିଟିଭି ଫୁଟେଜ୍ ଏବଂ ବୈଷୟିକ ପ୍ରମାଣ ଆଧାରରେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୁଲିସ୍ ତଦନ୍ତରୁ ଜଣାପଡ଼ିଛି ।



# ସ୍ନାନ ମଣ୍ଡପରେ ଜଗତ ସାଇଁ

ବିଶ୍ୱନିୟନ୍ତା ସେ ଜଗତ ସାଇଁ
କାଳିଆ ଠାକୁର ବୋଲାଏ ସେହି
ନୀଳାଚଳ ଧାମେ ବିଜେ ମହାବାହୁ
ସାଥେ ଧରି ନିଜ ଭଉଣୀ ଭାଇ ॥

ଦିବ୍ୟ ଗଜାନନ ବେଶେ ସୁନ୍ଦର
କେଡ଼େ ଶୋଭାବନ ରଙ୍ଗ ଅଧର
ଦର୍ଶନେ ହରନ୍ତି କଳୁଷ ପାପ
ଭକତଜନଙ୍କ ଖୁସି ଅପାର ॥

ଚକା ଚକା ଆଖି କଳା ବଦନ
ରୂପ କି ସୁନ୍ଦର ମନ ମୋହନ
ତାର ନାମ ଗୁଣ ଭଜି ଦିବା ନିଶି
ଦୁଃଖ ଭୁଲିଯା'ନ୍ତି ଜଗତ ଜନ ॥

ଜ୍ୱରରେ ପୀଡ଼ିତ ହୁଅନ୍ତି ସାଇଁ
ମାନବୀୟ ଲୀଳା ରଚନ୍ତି ସେଇ
କୋଟି ବିଶ୍ୱବାସୀ ଶ୍ରୀମୁଖ ଲାଭକୁ
ଘୋଷ ଯାତରାକୁ ରୁହନ୍ତି ଚାହିଁ ॥

ଜ୍ୟେଷ୍ଠ ମାସ ଅନ୍ତେ ପୂର୍ଣ୍ଣମୀ ତିଥି
ସ୍ନାହାନ ମଣ୍ଡପେ ଚତୁର୍ଦ୍ଧା ମୂର୍ତ୍ତି
ଏକ ଶହ ଆଠ କଳସୀ ଜଳେ
ପୁଣ୍ୟ ଦେବସ୍ନାନ ପାଳନ୍ତି ନୀତି ॥

**ଭୁବନାନନ୍ଦ ପାଣିଗ୍ରାହୀ**
ଗେଡିଆ ପଲ୍ଲୀ, ଖୋର୍ଦ୍ଧା
ମୋ: ୯୯୩୭୭୨୪୩୧୨



# ଘୋଷଯାତ୍ରା

ସଜବାଜ ହୋଇ ବାହାରି ପଡ଼ିଲୁ
ଯିବାକୁ ମାଉସୀ ଘର
ଦୁଃଖିର ଦୁଃଖକୁ ନଶୁଣି ଯିବାକୁ
ହେଉଅଛୁ ତରତର ॥
ଭକତଟେ ତୋତେ ଡାକୁଅଛି ଦୁଃଖେ
ପଡ଼ି କେତେ ବିକଳରେ
ତା ଡାକ ନଶୁଣି ବାହାରି ପଡ଼ିଲୁ
ଘୋଷଯାତ୍ରା ପାଇଁ କିରେ ॥
ଭକତର ଦୁଃଖ ତୋହ ପାଇଁ ବଡ଼
ବୋଲି ତୁ ଭାବିଲୁ ନାହିଁ
ମଉଜ କରିବୁ ବାହାରି ପଡ଼ିଲୁ
ଭାଇଭଉଣୀଙ୍କୁ ନେଇ ॥
ତୁପରା କୁଆଡେ ଦୟାର ଠାକୁର
ଶୁଣିଥିଲି ମୋର କାନେ
ଏଇ କଣ ତୋର ଦୟାକିରେ ଜଗା
କହିବୁ ତୁ ପାଞ୍ଚଜଣେ ॥
ଥିଲେ ତୋର ଦୟା ଦୁଃଖିର ଦୁଃଖକୁ
ଲାଘବ କରିଣ ଯାଆ
ଖୁସି ଆନନ୍ଦରେ ଭକତଙ୍କ ସଙ୍ଗେ
ମିଳିମିଶି ଥରେ ଆ
ମିଳିମିଶି ଥରେ ଆ ॥

**ଦୀପକ କୁମାର ନାୟକ**
ଗଣ୍ଡାନାଳୀ, ହିନ୍ଦୋଳ, ଢେ଼ଙ୍କାନାଳ
ମୋ: ୮୬୩୭୨୬୧୮୨୮



# କଳାହାତୀ ଧଳାହାତୀ

ବରଷକେ ଥରେ ଭକତ ଆଗରେ
ସିନାନ ମଣ୍ଡପେ ବସି
ସୁନାକୂଅ ଜଳ ଆହାଃ କି ଶୀତଳ
ଶିରୀକ୍ଷେତ୍ର କଳାଶଶୀ
ଗାଧୋଇବେ ହସିହସି
କାଳିଆ ସିନାନ ଲୀଳା ଦରଶନ
ଭକତ ମନରେ ଖୁସି ॥
ସଙ୍ଗେ ଥିବେ ବଡ଼ଭାଇ ବଳରାମ
ଚକ୍ରରାଜ ସୁଦର୍ଶନ
ଗେଲବସରିଆ ଭଉଣୀ ସୁଭଦ୍ରା
ସଭିଏଁ କରିବେ ସ୍ନାନ
ବଡ଼ଦାଣ୍ଡେ ଭକ୍ତଜନ
ପଢୁଥିବ ହରିବୋଲ ହୁଳହୁଳି
କାଳିଆର ଜୟ ଗାନ ॥
ସିନାନ ଶେଷରେ କଳାହାତୀ ବେଶ
ହୋଇବେ କାଳିଆ ରାଜା
ବଡ଼ଭାଇ ଧଳାହାତୀ ବେଶ ହେବେ
ବାଜୁଥିବ କେତେ ବାଜା
ବେଶ ଲାଗୁଥିବ ମଜା
ଆମ ନେତା କଳାହାତୀ ଧଳାହାତୀ
ଜଗତେ ଉଡଇ ଧ୍ୱଜା ॥

**ଜଗଦୀଶ ସାହୁ**
ସଂଜପଡା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

# ଚଷମା

ଚଷମା ଅଟଇ ନାଆଁଟି ମୋହର
ମଣିଷଙ୍କର ମୁଁ ମିତ,
ତେଣୁ ଅମଙ୍ଗଳ ଚାହେଁନି ତାଙ୍କର
କରଇ ସର୍ବଦା ହିତ ॥
ଆଖିକୁ ସୁରକ୍ଷା ଦିଅଇ ନିଇତି
କରେ ନାହିଁ ରାଗ ରୋଷ,
କ୍ଷମା କରିଦିଏ ବଡ଼ ହୃଦୟରେ
କଲେ ଯିଏ ବଡ଼ ଦୋଷ ॥
ସ୍ୱଷ୍ଟ ଭାବେ ଦିଶୁ ନଥିଲେ କାହାକୁ
ପିନ୍ଧିଦେଲା ପରେ ମତେ,
ପ୍ରତ୍ୟେକ ଜିନିଷ ଜଳ ଜଳ ହୋଇ
ଦିଶେ ପରା ତାଙ୍କୁ ସତେ ॥
ରଙ୍ଗ ବେରଙ୍ଗର ଯାହାବି ଖୋଜିଲେ
ବଜାରରେ ଏବେ ମିଳେ,
ଯୁବକ ଯୁବତୀ ସରାଗେ କିଣନ୍ତି
ଡେରି ନକରିକି ତିଳେ ॥
ଯେତେ ଦାମି ପଛେ ହୋଇଥିଲେ ମୁହିଁ
ଗରବ କରଇ ନାହିଁ,
ମଣିଷଙ୍କ କାମେ ଆସିବାକୁ ସଦା
ରହିଥାଏ ପରା ଚାହିଁ ॥
ଗୁହାରି କରୁଛି ସଭିଙ୍କ ପାଖରେ
ଭାବିବନି କେବେ ପର,
ଛାଇ ପରି ତୁମ ସାଥିରେ ରହିବି
ନଥିବ କାହାକୁ ଡର ॥

**ଡ଼ ଧୀରେନ୍ଦ୍ର କୁମାର ମଲ୍ଲିକ**
ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୩୯୨୬୮୬




"ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.comରେ ପଠାଇବାକୁ ଅନୁରୋଧ ।
-'ସମୟ ତରଙ୍ଗ' ପରିବାର"

# ସ୍ପୋର୍ଟ୍ସ ଫ୍ୟାଶନ



**ଆଗାମୀ ମାସଗୁଡ଼ିକରେ ଅନେକ ବଡ଼ ବଡ଼ ଖେଳ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି । ତେବେ ଖେଳ ମଇଦାନର କ୍ରେଜ୍ ଏବେ ଫ୍ୟାଶନ୍ ଦୁନିଆକୁ ମଧ୍ୟ ଛୁଇଁଲାଣି । ଲୋକେ ନିଜ ପ୍ରିୟ ଖେଳକୁ ସପୋର୍ଟ କରିବା ସହ ଷ୍ଟାଇଲିସ୍ ଦେଖାଯିବା ପାଇଁ ସ୍ପୋର୍ଟସ ପୋଷାକକୁ ଆପଣାଉଛନ୍ତି । ଆସନ୍ତୁ ଜାଣିବା ଏହି ସିଜନ୍‌ରେ କେଉଁ ସ୍ପୋର୍ଟସ ଲୁକ୍ ସବୁଠାରୁ ଅଧିକ ଟ୍ରେଣ୍ଡରେ ରହିଛି ।**





**ଫୁଟବଲ୍ ଜର୍ସି :** ୨୦୨୬ ଫିଫା ବିଶ୍ୱକପ୍ ଚାଲିଥିବାରୁ ଏବେ ଫୁଟବଲ୍ ଜର୍ସିର କ୍ରେଜ୍ ବହୁତ ବଢ଼ିଯାଇଛି । ଏହାକୁ କେବଳ ମ୍ୟାଚ୍ ଦେଖିବା ଦିନ ନୁହେଁ, ବରଂ ସାଧାରଣ ଦିନରେ ମଧ୍ୟ ସ୍ଲିପ୍ ସ୍କର୍ଟ କିମ୍ବା ଜିନ୍ସ ସହ ପିନ୍ଧି ଏକ ନୂଆ ଲୁକ କ୍ରିଏଟ କରିପାରିବେ । ରିହାନା ଏବଂ ବେଲା ହାଦିଦ୍‌ଙ୍କ ଭଳି ବଡ଼ ବଡ଼ ସେଲିବ୍ରିଟି ମଧ୍ୟ ଏହି ଲୁକ୍‌କୁ ପସନ୍ଦ କରୁଛନ୍ତି ।

**ଟ୍ରାକ୍ ଜ୍ୟାକେଟ୍ :** ପୁରୁଣା ଦିନର ଟ୍ରାକ୍ ଜ୍ୟାକେଟ୍ ଏବେ ପୁଣି ଥରେ ଫ୍ୟାଶନ୍ ଦୁନିଆକୁ ଫେରିଛି । ଆଡିଡାସ୍ ଏବଂ ଓ୍ୱେଲ୍ସ ବନର ଭଳି ବ୍ରାଣ୍ଡଗୁଡ଼ିକର ମିଳିତ ସହଯୋଗରେ ଏହି ରେଟ୍ରୋ ଲୁକ୍ ଖୁବ୍ ଲୋକପ୍ରିୟ ହେଉଛି । ଏହାକୁ ଡ୍ରେସ୍ କିମ୍ବା ଢିଲା ପ୍ୟାଣ୍ଟ ଉପରେ ପିନ୍ଧିଲେ ଏକ ସହଜ ଓ ଆରାମଦାୟକ ଷ୍ଟାଇଲ୍ ମିଳିଥାଏ ।

**ଟେନିସ୍ ପୋଷାକ :** ୱିମ୍ବଲଡନ୍ ସିଜନ୍ ଆସୁଥିବାରୁ ‘ଟେନିସ୍‌କୋର୍’ ଷ୍ଟାଇଲ୍‌ର ଚାହିଦା ବହୁତ ବଢ଼ିଛି । ବିଶେଷ କରି ମହିଳା ଆଥଲେଟ୍‌ମାନଙ୍କ ଭଳି ପ୍ଲିଟେଡ୍ ସ୍କର୍ଟ ଏବଂ ସ୍କର୍ଟ-ପ୍ୟାଣ୍ଟ୍ ଯୁବପିଢ଼ିଙ୍କ ମଧ୍ୟରେ ବେଶ୍ ଆଦୃତ ହେଉଛି । ଏହା ଦେଖିବାକୁ ଖୁବ୍ ସୁନ୍ଦର ଓ ସ୍ମାର୍ଟ ଲାଗିଥାଏ ।

**ପୋଲୋ ସାର୍ଟ :** ଷ୍ଟାଇଲିସ୍ ଏବଂ ଭଦ୍ର ଲୁକ୍ ପାଇଁ ପୋଲୋ ସାର୍ଟ ସବୁଠାରୁ ଭଲ ବିକଳ୍ପ । ଏହା ସ୍ପୋର୍ଟି ଦେଖାଯିବା ସହ ଏକ କ୍ଲାସିକ୍ ଲୁକ୍ ଦେଇଥାଏ । ଆଜିକାଲି କ୍ରପ୍‌ଡ ଏବଂ ବୁଣା ହୋଇଥିବା ପୋଲୋ ସାର୍ଟ ଫ୍ୟାଶନ୍ ଦୁନିଆରେ ବହୁତ ଟ୍ରେଣ୍ଡରେ ରହୁଛି ।

**ଫ୍ୟାଶନେବଲ୍ ସ୍ନିକର୍ସ :** ଆଜିକାଲି ଲୋକେ ଷ୍ଟାଇଲ୍ ସହ ଆରାମକୁ ମଧ୍ୟ ଗୁରୁତ୍ୱ ଦେଉଛନ୍ତି । ଫଳରେ ରନିଂ ଜୋତା ବା ସ୍ନିକର୍ସ ଏବେ ଲକ୍ସୁରୀ ଫ୍ୟାଶନ୍‌ର ଏକ ଅଂଶ ପାଲଟିଛି । ଓନ୍, ହୋକା ଏବଂ ନ୍ୟୁ ବାଲାନ୍ସ ଭଳି ବ୍ରାଣ୍ଡର ଜୋତା ପିନ୍ଧିବା ଏବେ ଏକ ବଡ଼ ଷ୍ଟାଇଲ୍ ଷ୍ଟେଟମେଣ୍ଟ ପାଲଟିଛି ।

**ବେସବଲ୍ କ୍ୟାପ୍ :** ଗୋଟିଏ ସୁନ୍ଦର କ୍ୟାପ୍ ବିନା ସ୍ପୋର୍ଟ୍ସ ଷ୍ଟାଇଲ୍ ଅଧୁରା । କାର୍ ରେସର୍‌ଙ୍କଠାରୁ ଆରମ୍ଭ କରି ସେଲିବ୍ରିଟି ପର୍ଯ୍ୟନ୍ତ ସମସ୍ତେ ଏହି କ୍ୟାପ୍ ପିନ୍ଧିବାକୁ ପସନ୍ଦ କରୁଛନ୍ତି । ଏହା ଆପଣଙ୍କ ସାଧାରଣ ପୋଷାକକୁ ମଧ୍ୟ ଏକ ଖାସ୍ ଲୁକ୍ ଦେଇଥାଏ ।





# ଡ୍ୟାନ୍ସ ଇନ୍ ହ୍ୱିଲ୍

**ଅନେକ ସମୟରେ ଆଖିରେ ଏଭଳି କିଛି ପଡିଥାଏ ଯାହା ଖୁବ ବିରଳ ଅନୁଭୂତ ହୁଏ । ସେହିଭଳି ଏକ ନୃତ୍ୟ ପ୍ରଦର୍ଶନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚାର ବିଷୟ ପାଲଟିଛି । ଯେଉଁଥିରେ ପ୍ରତିଯୋଗୀମାନେ ହ୍ୱିଲ ଚେୟାର ଉପରେ ବସି ନୃତ୍ୟ ପ୍ରଦର୍ଶନ କରିଛନ୍ତି । ଘଟଣାଟି ବର୍ତ୍ତମାନ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି ।**

ଜୟପୁରର ଆୟୋଜିତ 'ଅସ୍ତିତ୍ୱ' କାର୍ଯ୍ୟକ୍ରମରେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା, ଯାହା ସମସ୍ତଙ୍କୁ ଚକିତ କରିଦେଇଥିଲା । ଯେତେବେଳେ ମଞ୍ଚରେ ନାଁ ଘୋଷଣା ହେଲା, ୯ ଜଣ ମହିଳା ହୁଇଲ୍‌ଚେୟାର୍‌ରେ ଆସି ପ୍ରାୟ ୩୫୦ରୁ ଅଧିକ ଦର୍ଶକଙ୍କ ସାମ୍ନାରେ ନୃତ୍ୟ ପ୍ରଦର୍ଶନ କରିଥିଲେ । ତେବେ ଏହି ବିରଳ ସଫଳତା ପଛରେ ମଧ୍ୟପ୍ରଦେଶର ଛିନ୍ଦୱାଡ଼ାର ଏକ ମଧ୍ୟବିତ୍ତ ପରିବାରର ମହିଳା ପ୍ରିୟା ଶର୍ମାଙ୍କର ହାତ ରହିଛି । ଯିଏ ଏହି ମହିଳାଙ୍କୁ ଦେଇଛନ୍ତି ଜୀବନ ଜିଇଁବାର ନୂଆ ଦିଗ ।

## ଜୀବନର ନୂଆ ଆରମ୍ଭ

ପ୍ରିୟା ପୂର୍ବରୁ ଏମ.କମ ଏବଂ କମ୍ପ୍ୟୁଟର ଆପ୍ଲିକେସନ୍ସରେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା କରିବା ସହ ବିପିଓ, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ କାମ କରୁଥିଲେ । ସେପ୍ଟେମ୍ବର ୨୦୧୮ରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମେରୁଦଣ୍ଡରେ ଆଘାତ ଲାଗିଥିଲା ଯାହାଫଳରେ ସେ ପାରାପ୍ଲେଜିକ୍ ବା ନିମ୍ନ ଅଙ୍ଗ ଅଚଳ ରୋଗୀ ପାଲଟିଥିଲେ । ଦୀର୍ଘ ଦିନର ସଂଘର୍ଷ ଏବଂ ପରିବାରର ସହଯୋଗ ପରେ ସେ ନିଜର ଦୈନନ୍ଦିନ କାମ କରିବା ଶିଖିଲେ। ୨୦୧୯ରେ ତାଙ୍କ ଭଉଣୀଙ୍କ ବାହାଘର ସଙ୍ଗୀତ କାର୍ଯ୍ୟକ୍ରମରେ ପରିବାର ଲୋକଙ୍କ ଅନୁରୋଧ କ୍ରମେ ସେ ହୁଇଲ୍‌ଚେୟାର୍‌ରେ ବସି ନୃତ୍ୟ କରିଥିଲେ। ସେହି ମୁହୂର୍ତ୍ତ ତାଙ୍କୁ ଆନନ୍ଦ ଦେବା ସହ ଜୀବନର ଏକ ନୂଆ ଦିଗ ଦେଖାଇଥିଲା । ପରବର୍ତ୍ତୀ ସମୟରେ ତାଙ୍କ ବନ୍ଧୁ ତଥା ପାରା-ଆଥଲେଟ୍ ଏକତା ଭାୟନ୍ ତାଙ୍କୁ ନୃତ୍ୟ ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆଣିବାକୁ ପ୍ରେରଣା ଦେଇଥିଲେ ।

## 'ଡାନ୍ସ ୱିଥ୍ ହୁଇଲ୍ସ'ର ପ୍ରତିଷ୍ଠା

୨୦୨୪ ମସିହାରେ ପ୍ରିୟା କୌଣସି ବଡ଼ ଯୋଜନା ବିନା ମାତ୍ର ୩-୪ ଜଣ ମହିଳାଙ୍କୁ ନେଇ 'ଡାନ୍ସ ୱିଥ୍ ହୁଇଲ୍‌ସ' ଆରମ୍ଭ କରିଥିଲେ । କୌଣସି ପାଣ୍ଠି ନଥିବାରୁ ସେ ନିଜେ ଛୋଟ ଛୋଟ ଖର୍ଚ୍ଚ ବହନ କରୁଥିଲେ । ଗୁଗଲ୍ ମିଟ୍ ଏବଂ ଜୁମ୍ ଭଳି ଅନଲାଇନ୍ ମାଧ୍ୟମରେ ସେମାନେ ପ୍ରତି ସପ୍ତାହରେ ଯୋଡ଼ି ହେଉଥିଲେ। ଆରମ୍ଭରେ ଅନେକ ମହିଳା ଆତ୍ମବିଶ୍ୱାସର ଅଭାବ ଯୋଗୁଁ କ୍ୟାମେରା ଅନ୍ କରିବାକୁ ମଧ୍ୟ କୁଣ୍ଠାବୋଧ କରୁଥିଲେ । ତେବେ ଆଜି ଏହି ସଂଗଠନ ଭାରତର ୧୬ଟି ରାଜ୍ୟର ୪୫ରୁ ଅଧିକ ଭିନ୍ନକ୍ଷମ ମହିଳା ଓ ବାଳିକାଙ୍କୁ ସାମିଲ କରିପାରିଛି ।



## ଅସ୍ତିତ୍ୱ ' ପାଇଁ ପ୍ରସ୍ତୁତି

ଏହି କାର୍ଯ୍ୟକ୍ରମ ପାଇଁ କୌଣସି ପ୍ରତିଯୋଗିତା ହୋଇନଥିଲା, ବରଂ ଅନଲାଇନ୍‌ରେ ମାସ ମାସ ଧରି ପ୍ରଶିକ୍ଷକମାନେ ଭିନ୍ନ ଭିନ୍ନ ଶାରୀରିକ ସମସ୍ୟା ଅନୁଯାୟୀ ନୃତ୍ୟ ଶିଖାଇଥିଲେ । ଇଣ୍ଟରନେଟ୍ ସମସ୍ୟା ଏବଂ ସ୍ୱାସ୍ଥ୍ୟଗତ କଷ୍ଟ ସତ୍ତ୍ୱେ ସେମାନେ ଅଭ୍ୟାସ ଜାରି ରଖିଥିଲେ । ଜୟପୁରରେ ପହଞ୍ଚିବା ପରେ ସେମାନେ ପ୍ରଥମ ଥର ପାଇଁ ଏକାଠି ଅଭ୍ୟାସ କରିଥିଲେ । ମଞ୍ଚରେ ପ୍ରଦର୍ଶନ ପରେ ଯେତେବେଳେ ଲୋକମାନେ ସହାନୁଭୂତି ବଦଳରେ ସେମାନଙ୍କ ପାଇଁ କରତାଳି ଦେଲେ, ଅନେକ ଭାବୁକ ହୋଇ କାନ୍ଦି ମଧ୍ୟ ପକାଇଥିଲେ । ସେମାନଙ୍କୁ ଏହି କରତାଳି ଆଗକୁ ବଢିବାର ପ୍ରୋତ୍ସାହନ ଦେଇ ଚାଲିଥିଲା ।

## ମଞ୍ଚ ବାହାରେ ପ୍ରିୟାଙ୍କ କାର୍ଯ୍ୟ


ପ୍ରିୟା କେବଳ ନୃତ୍ୟାଙ୍ଗନା ନୁହେଁ ଜଣେ ପାରା-ଆଥଲେଟ୍ ମଧ୍ୟ । ସେ ୨୦୨୫ ମସିହାରେ ୧୫ତମ ମଧ୍ୟପ୍ରଦେଶ ରାଜ୍ୟ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ଏବଂ ସଟ୍‌ପୁଟ୍‌ରେ ରୌପ୍ୟ ପଦକ ଜିତିଛନ୍ତି । ଏହାସହ ସେ 'ଦି ଗଙ୍ଗା ଫାଉଣ୍ଡେସନ' ସହିତ ମେରୁଦଣ୍ଡରେ ଆଘାତ ପାଇଥିବା ବ୍ୟକ୍ତିମାନଙ୍କୁ ସ୍ୱାବଲମ୍ବୀ ହେବାରେ ସାହାଯ୍ୟ କରୁଛନ୍ତି । ବର୍ତ୍ତମାନ ଡିଡବ୍ଲୁଡବ୍ଲୁ ସଦସ୍ୟମାନଙ୍କୁ ନିଜ ଗୋଡ଼ରେ ଛିଡ଼ା କରିବା ପାଇଁ ସେ 'ଡିଜିଟାଲ୍ ସ୍କିଲ୍ସ ଟ୍ରେନିଂ' ଆରମ୍ଭ କରିବାକୁ ଯୋଜନା କରୁଛନ୍ତି ।




# ରହସ୍ୟମୟ ଗୁମ୍ଫା

**ଅନେକ ସମୟରେ କାରଣ ନଜାଣି ଆମେ ଲୋକକଥା ଉପରେ ବିଶ୍ୱାସ କରି ଭୟ କରିଥାଉ, ତେବେ ଏଭଳି ଭୟ କରିବା ଠିକ ନୁହେଁ ବୋଲି ଆଇମାଆର ଅନେକ କାହାଣୀରେ ପିଲାଙ୍କୁ ଶିକ୍ଷା ଦିଆଯାଇଥାଏ । ସବୁବେଳେ ଦେଖିବା ପରେ ଯାଇ ଲୋକକଥାରେ ବିଶ୍ୱାସ କରିବା ଆବଶ୍ୟକବୋଲି ଏହି ଗପମାନେ ଆମକୁ ଶିକ୍ଷା ଦେଇଥାଆନ୍ତି ।**

ଗୋଟିଏ ଗ୍ରାମରେ ଥିବା ନିଛାଟିଆ ପାହାଡ଼ିଆ ଗୁମ୍ଫା ଭିତରୁ ପ୍ରତିଦିନ ସୂର୍ଯ୍ୟାସ୍ତ ହେବା ମାତ୍ରେ ଅତି ଭୟାନକ "ହୁଁ... ହାଁ..." ଶବ୍ଦ ଶୁଣାଯାଇଥାଏ । ତେବେ ଏହି ଶବ୍ଦ କାରଣରୁ ଜଙ୍ଗଲର ସବୁ ଛୋଟ ଛୋଟ ପଶୁ ଯଥା— କୁନି ହରିଣ, କୁନି ଠେକୁଆ ଓ ପକ୍ଷୀମାନେ ତାହାକୁ ଏକ ଅଭିଶପ୍ତ ଭୂତ ଗୁମ୍ଫା ଭାବି ସେହି ରାସ୍ତାରେ ଯିବାଆସିବା ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ । ସେହି ଶବ୍ଦ ଶୁଣି ଭୟରେ ନିଜ ନିଜ ବସା ଭିତରେ ଲୁଚି ରହୁଥିଲେ । ଦିନେ ଜଙ୍ଗଲର ସବୁଠାରୁ ଚଞ୍ଚଳ ଓ ସାହସୀ କୁନି ମାଙ୍କଡ଼ 'ମିକୁ' ଏହି ଶବ୍ଦ ବିଷୟରେ ଜାଣିବାକୁ ଅଣ୍ଟା ଭିଡିଲା । ସେ ନିଜ ସାଥୀମାନଙ୍କୁ ନଡରିବାକୁ କହି ଏକ ଲମ୍ବା ବାଡ଼ି ଓ ଜଳନ୍ତା ଜୁଳୁଜୁଳିଆ ପୋକର ଏକ ଛୋଟ ବାକ୍ସ ଧରି ଧୀରେ ଧୀରେ ସେହି ଅନ୍ଧାରୁଆ ଗୁମ୍ଫା ଭିତରକୁ ପାଦ ବଢ଼ାଇଥିଲା । ସେ ଗୁମ୍ଫା ଭିତରକୁ ଯେତିକି ଯେତିକି ଆଗକୁ ବଢୁଥିଲା, ସେହି ଭୟଙ୍କର ଶବ୍ଦ ସେତିକି ଜୋରରେ ଶୁଣାଯାଉଥିଲା ଏବଂ ମିକୁର ହୃଦସ୍ପନ୍ଦନ ମଧ୍ୟ ବଢ଼ିବାରେ ଲାଗିଥିଲା । ମାତ୍ର ସେ ପଛକୁ ନଫେରି ସାହସର ସହ ଗୁମ୍ଫାର ଶେଷ କୋଣରେ ପହଞ୍ଚି ନିଜ ଆଲୋକ ଦେଖାଇବା ପରେ ସେଠାକାର ଦୃଶ୍ୟ ଦେଖି ଭୟ କରିବା ବଦଳରେ ଜୋରରେ ହସିବାକୁ ଲାଗିଥିଲା । ପ୍ରକୃତରେ ସେଠାରେ କୌଣସି ଭୂତ ବା ପ୍ରେତାତ୍ମା ନଥିଲେ, ବରଂ ଜଙ୍ଗଲର ସବୁଠାରୁ ବଡ ଭାଲୁ ପ୍ରଚୁର ମହୁ ଖାଇ ନିଶ୍ଚିନ୍ତରେ ଗଭୀର ନିଦ୍ରାରେ ଶୋଇ ପ୍ରକାଣ୍ଡ ଘୁଙ୍ଗୁଡ଼ି ମାରୁଥିଲା । ଗୁମ୍ଫାର ପଥର କାନ୍ଥଗୁଡ଼ିକ ଗୋଲାକାର ହୋଇଥିବାରୁ ସେହି ଘୁଙ୍ଗୁଡ଼ି ଶବ୍ଦ ପ୍ରତିଧ୍ୱନିତ ହୋଇ ବାହାରକୁ ଏକ ଭୟଙ୍କର ରଡ଼ି ଭଳି ଶୁଣାଯାଉଥିଲା । ମିକୁ ତୁରନ୍ତ ବାହାରକୁ ଆସି ସମସ୍ତ କୁନି ପଶୁପକ୍ଷୀଙ୍କୁ ଏହି ମଜାଦାର ସତ୍ୟ ବିଷୟରେ ଜଣାଇବା ପରେ ସମସ୍ତଙ୍କ ମନରୁ ଭୟ ସବୁଦିନ ପାଇଁ ଚାଲିଯାଇଥିଲା । ସେମାନେ ପୁଣିଥରେ ସେହି ରାସ୍ତାରେ ଖେଳିବାକୁ ଲାଗିଲେ । ଏହି କାହାଣୀଟି କୁନି ପିଲାମାନଙ୍କୁ ଏହି ମୂଲ୍ୟବାନ ଶିକ୍ଷା ଦେଉଛି ଯେ ଜୀବନରେ କୌଣସି ଅଜଣା ଜିନିଷ କିମ୍ବା ଗୁଜବକୁ ନେଇ ମନରେ କାଳ୍ପନିକ ଭୟ ରଖିବା ଆଦୌ ଉଚିତ ନୁହେଁ । ସାହସ, ଧୈର୍ଯ୍ୟ ଓ ବୁଦ୍ଧିର ସହ ସତ୍ୟତା ଜାଣିବାକୁ ଚେଷ୍ଟା କଲେ ସବୁଠାରୁ ବଡ଼ ଭୟ ମଧ୍ୟ ଏକ ମଜାଦାର ବିଷୟରେ ପରିଣତ ହୋଇଯାଏ ।








# ଓଡ଼ିଶାରେ କ୍ରୀଡ଼ା ସାମ୍ବାଦିକତା

ସମୟ ବଦଳିବା ସହ ବଦଳିଛି ଜୀବନଧାରା। ଠିକ୍ ସେମିତି କ୍ରୀଡା ସାମ୍ବାଦିକତାର କ୍ଷେତ୍ର ବି ବ୍ୟାପକ ହୋଇଛି। ଅଶୀ ଦଶକର ପ୍ରାରମ୍ଭ ପର୍ଯ୍ୟନ୍ତ ଖବରକାଗଜ ଗୁଡ଼ିକରେ କେଉଁଠି ବି ଗୋଟିଏ ଖେଳ ଖବର ଦେଖିବାକୁ ମିଳୁନଥିଲା। ୯୦ ଦଶକର ପ୍ରାରମ୍ଭରେ ସମ୍ବାଦ ଖବରକାଗଜ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ମୁଦ୍ରିତ ଗଣମାଧ୍ୟର ଶେଷ ପୃଷ୍ଠା ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଇଟିଥିଲା। ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ପାଲଟିଲା ଖେଳ ପୃଷ୍ଠା। ଲୋକଙ୍କ ଉତ୍ସାହ ଦେଖି କ୍ରୀଡ଼ା ସାମ୍ବାଦିକତାର ଧାରା ଆରମ୍ଭ ହୋଇଥିଲା। ଖବରକାଗଜର ମାଲିକଙ୍କ ସମର୍ଥନ ଯୋଗୁ ଖେଳ ପୃଷ୍ଠା ତଥା ଖେଳ ସାମ୍ବାଦିକତା ଜିଇଁ ଉଠିଥିଲା । ଏହା କେବଳ କ୍ରୀଡ଼ା କ୍ଷେତ୍ରରେ କାମ କରୁଥିବା ସାମ୍ବାଦିକଙ୍କ ମଧ୍ୟରେ ସୀମିତ ରହିଛି। ନିଜ ବ୍ୟକ୍ତିଗତ ଆଗ୍ରହ/ଶ୍ରଦ୍ଧା ଯୋଗୁ ଅବା ଅଫିସର ନିର୍ଦ୍ଦେଶରେ ଫିଲ୍ଡକୁ ଆସି ଖବର ସଂଗ୍ରହ କରୁଥିଲେ କ୍ରୀଡ଼ା ସାମ୍ବାଦିକ। ଏବେବି ସେହି ଧାରା ଜାରି ରହିଛି। ହେଲେ ଏହା ଭିତରେ ଖବର ସଂଗ୍ରହର ତରିକା ବଦଳିଛି। ଲ୍ୟାଣ୍ଡଲାଇନ୍ ଫୋନ୍, ଫ୍ୟାକ୍ସ ଆଦିରୁ ଇମେଲ, ଇଣ୍ଟରନେଟକୁ ପରିବର୍ତ୍ତିତ ହୋଇଛି ଏହି ଧାରା । ପ୍ରିଣ୍ଟ ହେଉ କି ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମ, ସମସ୍ତେ ସଜାଗ ଓ ସତର୍କ। କେଇ ମିନିଟରେ ୱେବସାଇଟରୁ ଖବର ମିଳିଯାଉଛି। ଖବରକାଗଜରେ ଆଉ ପୁରୁଣା ଫଟୋ ଲଗାଇ ନ୍ୟୁଜ ଦେବାକୁ ପଡୁନାହିଁ। ସମ୍ପୂର୍ଣ୍ଣ ନୂଆ ଓ ସତେଜ ଲାଗୁଛି ସକାଳର ଖବର କାଗଜଗୁଡିକ। ଏସବୁ ଯୋଗୁ ପ୍ରତିଯୋଗିତା ବଢ଼ିଛି। କ୍ରୀଡ଼ା ପ୍ରତି ଲୋକଙ୍କ ଆକର୍ଷଣ ମଧ୍ୟ ବୃଦ୍ଧି ପାଇଛି। ହେଲେ ସେହି ଅନୁପାତରେ କ୍ରୀଡ଼ା ସାମ୍ବାଦିକମାନେ କ'ଣ ମର୍ଯ୍ୟାଦା ପାଇଛନ୍ତି ? ଏ ପ୍ରଶ୍ନର ଉତ୍ତର ଏବେବି ଖୋଜା ଚାଲିଛି...

କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଓଡ଼ିଶାରେ ଦୀର୍ଘ ଇତିହାସ ନାହିଁ। ବାସ୍ତବରେ, ୧୯୭୦ ଦଶକ ପର୍ଯ୍ୟନ୍ତ ମୁଖ୍ୟ ସ୍ରୋତ ଓଡ଼ିଆ ଖବରକାଗଜରେ ଅନେକ ସମ୍ପାଦକ କ୍ରୀଡ଼ାକୁ ସମ୍ବାଦ ଯୋଗ୍ୟ ବିବେଚନା କରୁନଥିଲେ। ଅଶୀ ଦଶକର ପ୍ରାରମ୍ଭ ପରେ ହିଁ କ୍ରୀଡା ବ୍ୟାପକ କଭରେଜ୍ ପାଇଲା। ଦୁଇଟି କାରଣ ଥିଲା, ପ୍ରଥମଟି ହେଲା ଟେଲିଭିଜନର ପ୍ରସାର। ୧୯୮୨ ମସିହାରେ ଲୋକମାନେ ଏସିଆଡ ଦେଖିଥିଲେ ଟିଭିରେ। ୧୯୮୩ରେ ଭାରତ କ୍ରିକେଟ୍ ବିଶ୍ୱକପ ଜିତିଥିଲା। କ୍ରୀଡା ପ୍ରତି ଆଗ୍ରହ ଅନେକ ଗୁଣ ବଢ଼ିଥିଲା। ଦ୍ୱିତୀୟ କାରଣ ହେଉଛି ଅଫସେଟ ପ୍ରିଣ୍ଟିଙ୍ଗର ଆଗମନ, ଯାହା ଫଟୋଗ୍ରାଫର ମୁଦ୍ରଣକୁ ସହଜ ଏବଂ ବ୍ୟୟବହୁଳ କରିଥିଲା। ବଡ ଫଟୋଗ୍ରାଫ୍ ସହିତ କ୍ରୀଡାକୁ ଗୋଟିଏ ପୂର୍ଣ୍ଣ ପୃଷ୍ଠା ଦେବାର ଧାରା ଆରମ୍ଭ ହୋଇଥିଲା। ଅନ୍ୟ ଖବରକାଗଜମାନେ ଏହା ଅନୁସରଣ କରିଥିଲେ ଏବଂ ଖୁବ୍ ଶୀଘ୍ର ଏହା ଏକ ଟ୍ରେଣ୍ଡରେ ପରିଣତ ହେଲା। ଇଣ୍ଡିଆନ୍ ଏକ୍ସପ୍ରେସ୍ ଏହାର ଓଡ଼ିଶା ସଂସ୍କରଣ ଆରମ୍ଭରୁ କ୍ରୀଡ଼ା ସାମ୍ବାଦିକତାକୁ ଉତ୍ସାହିତ କରିଆସୁଥିଲା । ଗତ ଦୁଇ ଦଶନ୍ଧି ମଧ୍ୟରେ କ୍ରୀଡା ପ୍ରତି ଅଧିକ ସ୍ଥାନ ଏବଂ ଧ୍ୟାନ ଉତ୍ସର୍ଗ କରିଥିଲା ଗଣମାଧ୍ୟମ। ଅନେକ ଓଡ଼ିଆ କ୍ରୀଡା ପତ୍ରିକା ଅଶୀ ଦଶକରୁ ପ୍ରକାଶିତ ହୋଇଥିଲା। ମୁଖ୍ୟତ କଟକ, ଯାହା କ୍ରୀଡ଼ାର କେନ୍ଦ୍ର ତଥା ଓଡ଼ିଶାରେ ପ୍ରକାଶନ କାର୍ଯ୍ୟକଳାପର କେନ୍ଦ୍ର ଥିଲା। କଟକରେ ହିଁ ଥିଲା ସମାଜ ଓ ପ୍ରଜାତନ୍ତ୍ର ଭଳି ବଡ଼ ଖବର କାର୍ଯ୍ୟାଳୟ । କ୍ରୀଡ଼ା ସମ୍ବନ୍ଧରେ ସାଧାରଣ ଲୋକଙ୍କ ଆଗ୍ରହ ବଢୁଥିବାରୁ ଓଡ଼ିଶାରେ କ୍ରୀଡ଼ା ଜର୍ଣ୍ଣାଲିଜିମ୍ ଅଧିକ ଗୁରୁତ୍ୱ ପାଇଛି। ଖେଳ ଅନୁଶାସନ ବିଷୟରେ ଅଧିକ ଜାଣିବାକୁ ଚାହାଁନ୍ତି












ଲୋକେ। ମିଡିଆ ହାଉସ୍ ଲୋକମାନଙ୍କର ସୂଚନା ଆବଶ୍ୟକତାକୁ ପୂରଣ କରିବାକୁ ଚେଷ୍ଟା କରୁଛି । ପ୍ରାୟ ସମସ୍ତ ମୁଖ୍ୟ ସ୍ରୋତ ଖବରକାଗଜ ଏବଂ ଟେଲିଭିଜନ୍ ଚ୍ୟାନେଲଗୁଡିକ ଉତ୍ସର୍ଗୀକୃତ କର୍ମଚାରୀଙ୍କ ସହିତ ଏକ ପୃଥକ କ୍ରୀଡା ଡେସ୍କ କରିଛନ୍ତି। ଯଦିଓ କ୍ରିକେଟ୍ କ୍ରୀଡା ପୃଷ୍ଠାର ମୁଖ୍ୟ ଅଟେ କିନ୍ତୁ ଅନ୍ୟାନ୍ୟ କ୍ରୀଡା ମଧ୍ୟ ସେମାନଙ୍କ ପଥ ଖୋଜି ପାଇଛନ୍ତି । ବାସ୍ତବରେ ଏହା ବର୍ତ୍ତମାନ ଅଧିକ ପୃଷ୍ଠା ଦଖଲ କରିଛି । ଗ୍ରାମାଞ୍ଚଳ ଟୁର୍ଣ୍ଣାମେଣ୍ଟର କଭରେଜ୍ ମଧ୍ୟ ବଢ଼ିଛି। ଯାହା ୧୯୮୦ ଦଶକ ପୂର୍ବରୁ କଳ୍ପନା କରାଯାଇ ନଥିଲା। କ୍ରୀଡା ପୃଷ୍ଠାଗୁଡ଼ିକ ରଙ୍ଗିନଚିତ୍ର, ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଏବଂ ଖେଳାଳିଙ୍କ ବିଷୟରେ ସବିଶେଷ, ବିଶିଷ୍ଟ କ୍ରୀଡ଼ା ବ୍ୟକ୍ତିଙ୍କ ସ୍ତମ୍ଭ ସହିତ ପରିପୂର୍ଣ୍ଣ ହୋଇଛି। ଟେଲିଭିଜନରେ କ୍ରୀଡ଼ା ସମ୍ବାଦ ଏବଂ ବିଶ୍ଳେଷଣ ସ୍ଥାନ ପାଉଛି। ଇଣ୍ଟରନେଟରେ ତଥା ୟୁଟ୍ୟୁବ ୱେବସାଇଟ୍ ଫେବୃଆରୀ ୨୦୦୮ ରେ ଲଞ୍ଚ କରାଯାଇଥିଲା । ଅମଲ ରାୟ ଏବଂ ଭୈରବ ମହାନ୍ତି, ଶ୍ୟାମାକାନ୍ତ ପଟ୍ଟନାୟକ ପ୍ରମୁଖ ସମାଜକୁ କ୍ରୀଡ଼ା ଖବର ପଠାଉଥିଲେ। ପରେ ସେ ସମାଜରେ ଯୋଗ ଦେଇ ସ୍ପୋର୍ଟ୍ସ ଡେସ୍କ ପରିଚାଳନା କରିଥିଲେ। ରାଜ୍ୟର ଖୁବ ପରିଚିତ କ୍ରୀଡା ସାମ୍ବାଦିକ ସନାତନ ପାଣୀ କଟକଠାରେ କ୍ରୀଡ଼ା ସାମ୍ବାଦିକତାରେ ନିଜର କ୍ୟାରିଅର୍ ଆରମ୍ଭ କରିଥିଲେ। କ୍ରୀଡ଼ା ସୂଚନା ସହିତ ସେ ୧୯୮୪ରେ ସମ୍ବାଦରେ ଯୋଗ ଦେଇଥିଲେ ଏବଂ ୧୯୯୫ ପର୍ଯ୍ୟନ୍ତ ସେଠାରେ କାର୍ଯ୍ୟ କରିଥିଲେ । ସେ ସମ୍ବାଦ ଛାଡି ଫ୍ରିଲାନ୍ସିଂ କରିଥିଲେ । ଦୁଇ ବର୍ଷ ପାଇଁ ଅନେକ ପ୍ରକାଶନ ଏବଂ ତା'ପରେ ୧୯୯୭ରେ ଇଣ୍ଡିଆନ୍ ଏକ୍ସପ୍ରେସରେ ଯୋଗଦାନ କରିଥିଲେ । ୨୦୧୩ ମସିହା ପ୍ରାରମ୍ଭରେ, ସେ ଭୁବନେଶ୍ୱର ସଂସ୍କରଣରେ ଇଣ୍ଡିଆନ୍ ଏକ୍ସପ୍ରେସରେ ସ୍ପୋର୍ଟ୍ସ ସମ୍ବାଦଦାତା ଭାବରେ କାର୍ଯ୍ୟ କରିଥିଲେ । ସେ ପ୍ରଥମ କ୍ରୀଡା ସାମ୍ବାଦିକ ଭାବେ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡା ସାମ୍ବାଦିକ ପୁରସ୍କାର ପାଇଥିଲେ। ତାଙ୍କଠାରୁ ଆରମ୍ଭ ହୋଇଥିବା ଧାରା ଏବେ ବି ଚିରନ୍ତନୀ ହୋଇ ଆଗକୁ ବଢ଼ିଚାଲିଛି। ସତୀଶ ଶର୍ମା ୧୯୮୦ ଦଶକରୁ ଅନେକ ହିନ୍ଦୀ ଏବଂ ଇଂରାଜୀ ପ୍ରକାଶନ ପାଇଁ ଓଡ଼ିଶାର ଅନ୍ୟ ଏକ ପ୍ରମୁଖ କ୍ରୀଡା ହବ୍ ରାଉରକେଲାଠାରୁ କ୍ରୀଡା ରିପୋର୍ଟ କରିଆସୁଛନ୍ତି । ପରେ ସେ ଓଡ଼ିଆ ଦୈନିକ ସମ୍ବାଦ ପାଇଁ କାର୍ଯ୍ୟ କରିଥିଲେ।

ଜଣେ ବରିଷ୍ଠ କ୍ରୀଡା ସାମ୍ବାଦିକ ତଥା ବାଗ୍ମୀ ଭାଷ୍ୟକାର ଭାବେ ପରିଚିତ ସମ୍ବିତ ମହାପାତ୍ର ସମ୍ବାଦ ଖବରକାଗଜରୁ କ୍ରୀଡ଼ା ସାମ୍ବାଦିକଭାବରେକ୍ୟାରିଅର୍ଆରମ୍ଭକରିଥିଲେଅଶୀଦଶକରେ।



ପରେ ସେ ବୈଦ୍ୟୁତିକ ଗଣମାଧ୍ୟମରେ ମନୋନୀବେଶ କରିଥିଲେ । ଅଧୁନା ସେ ଦୈନିକ ଖବର କାଗଜ ନିର୍ଭୟର ବାର୍ତ୍ତା ସମ୍ପାଦକ ଭାବେ କାର୍ଯ୍ୟରତ ଅଛନ୍ତି । ସେ ମଧ୍ୟ ମର୍ଯ୍ୟାଦାଜନକ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡା ସାମ୍ବାଦିକ ପୁରସ୍କାର ହାସଲ କରିଥିଲେ । ନବେ ଦଶକ ଓ ତା' ପରବର୍ତ୍ତୀ ସମୟରେ ସକ୍ରିୟ ଥିବା ଅନ୍ୟ କ୍ରୀଡ଼ା ସାମ୍ବାଦିକମାନଙ୍କ ମଧ୍ୟରେ ହିମାଂଶୁ ପତିମିଶ୍ର, ସଞ୍ଜୀବ ବିଶ୍ୱାଳ, ସୁରେଶ ସ୍ୱାଇଁ, ତପନ ସ୍ୱାଇଁ, ସମୀକ୍ଷା ପଟ୍ଟନାୟକ, ନିରଞ୍ଜନ ରେଡ୍ଡୀ ଏବଂ ଦେବୀ ପ୍ରସନ୍ନ ମହାନ୍ତି ଅନ୍ୟତମ। ପରିବର୍ତ୍ତୀ ସମୟରେ କୁମାର ବିମଳ ଯୁବ କ୍ରୀଡା ସାମ୍ବାଦିକତା ଧାରାରେ ଧ୍ରୁବ ତାରା ପାଲଟିଛନ୍ତି। ନିଜରଅସାଧାରଣପ୍ରତିଭାବଳରେସେଦୂରଦର୍ଶନ, ଆକାଶବାଣୀ, ୱେବସାଇଟ୍ ତଥା ୟୁଟ୍ୟୁବ୍ ଚ୍ୟାନେଲରେ ନିଜର କ୍ରୀଡା ବିଶ୍ଳେଷଣ ତଥା ଉପସ୍ଥାପନା ପାଇଁ ପରିଚୟ ପାଇଛନ୍ତି । ୨୦୦୧ ମସିହାରୁ ରାଜ୍ୟର କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ବିଜୁ ପଟ୍ଟନାୟକ ବିଶିଷ୍ଟ କ୍ରୀଡ଼ା ସାମ୍ବାଦିକ ପୁରସ୍କାର ଧାରା ଆରମ୍ଭ କରିଥିଲା। ଏହି ପୁରସ୍କାର ଜିତିଥିବା ସାମ୍ବାଦିକମାନେ ହେଉଛନ୍ତି ସନାତନ ପାଣି (୨୦୦୨), ସମ୍ବିତ ମହାପାତ୍ର ଏବଂ ସମୀକ୍ଷା ପଟ୍ଟନାୟକ(୨୦୦୩-ସମୀକ୍ଷା ପଟ୍ଟନାୟକ ଭିଜୁଆଲ୍ ମିଡିଆର ପ୍ରଥମ ବ୍ୟକ୍ତି) ଏବଂ ପ୍ରଥମ ମହିଳା ଯିଏକି ଏହି ପୁରସ୍କାର ପାଇଥିଲେ । ୨୦୦୪ରେ ହିମାଂଶୁ ଶେଖର ପାତିମିଶ୍ର, ୨୦୦୫ରେ ସୁଶାନ୍ତ ମହାନ୍ତିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ୨୦୦୬ରେ ସୁରେଶ ସ୍ୱାଇଁଙ୍କୁ ଦିଆଯାଇଥିଲା ବିଜୁ ପଟ୍ଟନାୟକ ବିଶିଷ୍ଟ କ୍ରୀଡ଼ା ସାମ୍ବାଦିକ ପୁରସ୍କାର। ସଞ୍ଜୀବ ବିଶ୍ୱାଳ, ଦେବୀ ପ୍ରସନ୍ନ ମହାନ୍ତି ଯଥାକ୍ରମେ ୨୦୦୭ ଏବଂ ୨୦୦୮ରେ ଏହି ପୁରସ୍କାର ପାଇଥିଲେ । ଡି ନିରଞ୍ଜନ ରେଡ୍ଡୀ ଏବଂ ଜ୍ଞାନରଂଜନ ମିଶ୍ର ୨୦୦୯ରେ । ତପନ କୁମାର ସ୍ୱାଇଁ, ଦେବଶିଷ ସୁନ୍ଦରାରାୟ, ସର୍ବେଶ୍ୱର ମହାନ୍ତି ଏବଂ ଉମାକାନ୍ତ ମିଶ୍ରଙ୍କୁ ଯଥାକ୍ରମେ ୨୦୧୦, ୨୦୧୧, ୨୦୧୨ ଓ ୨୦୧୩ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ୨୦୧୪ ପାଇଁ ସତୀଶ ଶର୍ମା ଏହି ପୁରସ୍କାର ହାସଲ କରିଥିଲେ । ୨୦୧୫ରେ ତନ୍ମୟ ଦାସ, ୨୦୧୬ରେ ଅଶୋକ ପଣ୍ଡା ଓ ରଜନୀ ଶତ୍ରୁସଲ୍ୟ, ୨୦୧୭ରେ ସୁଜୀତ କୁମାର ଦାସ, ୨୦୨୧ରେ ବେଣୁଧର ଦାସ, ୨୦୨୨ରେ ଅଜୟ କୁମାର ଦାସ ତଥା ୨୦୨୩ ବର୍ଷ ପାଇଁ ସୁକେଶ କୁମାର ବେହେରାଙ୍କୁ ଏହି ସମ୍ମାନ ମିଳିଥିଲା । ୨୦୨୪ ବର୍ଷ ପାଇଁ ବିଜୁ ପଟ୍ଟନାୟକ ବିଶିଷ୍ଟ କ୍ରୀଡ଼ା ସାମ୍ବାଦିକ ପୁରସ୍କାର ପାଇଥିଲେ କୁମାର ବିମଳ (ବିମଳ କୁମାର ରାଉଳ)। ରାଜ୍ୟରେ କ୍ରୀଡାର ବ୍ୟପକ ବିସ୍ତାର ଯୋଗୁ କ୍ରୀଡା ସମ୍ବାଦିକତା ଧାରା ବି ବିସ୍ତୃତ ହୋଇଛି । ସାମ୍ବାଦିକତା ଧାରା ସହ ଯୋଡି ହେଉଥିବା ନୂଆ ପ୍ରତିଭା ବି କ୍ରୀଡା ସାମ୍ବାଦିକ ହେବାକୁ ଆଗ୍ରହ ଦେଖାଉଛନ୍ତି । ଯେଉଁ ଧାରା ୮୦ ଦଶକରୁ ଆରମ୍ଭ ହୋଇଥିଲା, ଆଗକୁ ଏହା ଆହୁରି ବ୍ୟପକ ହେବ ବୋଲି ଆଶା ରହିଛି।

**ଶକ୍ତି ପ୍ରକାଶ ନନ୍ଦ**
**କ୍ରୀଡା ସାମ୍ବାଦିକ, ସମୟ**
**ମୋ-୯୮୫୩୭୮୪୬୫୫,୭୦୦୮୧୬୬୨୭୦**

# ଟାଲେଣ୍ଟେଡ ଦୁଲକର

ମାଲାୟାଲମ୍ ସୁପରଷ୍ଟାର୍ ମାମୁଟିଙ୍କ ପୁତ୍ର ହୋଇଥିଲେ ବି ଦୁଲକରଙ୍କୁ ଇଣ୍ଡଷ୍ଟ୍ରିରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିବା ପାଇଁ ବେଶ୍ ସଂଘର୍ଷ କରିବାକୁ ପଡ଼ିଥିଲା । ଜଣେ ମେଗାଷ୍ଟାରଙ୍କ ପୁଅ ହୋଇଥିବାରୁ ପ୍ରଶଂସକଙ୍କ ଆଶା ଓ ଚାପ ସବୁବେଳେ ତାଙ୍କ ଉପରେ ରହିଆସିଥିଲା । ପିଲାଦିନୁ ସିନେମା ପ୍ରତି ଆକର୍ଷିତ ଥିବା ଦୁଲକର ଯୁକ୍ତରାଷ୍ଟ୍ର ଆମେରିକାର ପୁର୍ଡୁ ୟୁନିଭର୍ସିଟିରୁ ବିଜନେସ୍ ମ୍ୟାନେଜମେଣ୍ଟରେ ସ୍ନାତକ ହାସଲ କରିବା ପରେ କିଛି ସମୟ ପାଇଁ ଦୁବାଇରେ ବ୍ୟବସାୟ କରିଥିଲେ । କିନ୍ତୁ ଅଭିନୟ ପ୍ରତି ଥିବା ଦୁର୍ବଳତା ତାଙ୍କୁ ସିନେମା ଜଗତକୁ ଟାଣି ଆଣିଥିଲା । ୨୦୧୨ ମସିହାରେ ମୁକ୍ତିଲାଭ କରିଥିବା ଆକ୍ସନ-ଡ୍ରାମା ଫିଲ୍ମ 'ସେକେଣ୍ଡ ଶୋ' ମାଧ୍ୟମରେ ସେ ନିଜର କ୍ୟାରିୟର୍ ଆରମ୍ଭ କରିଥିଲେ । ଯେଉଁଥିପାଇଁ ତାଙ୍କୁ ଶ୍ରେଷ୍ଠ ଡେବ୍ୟୁ ଅଭିନେତା ଭାବେ ଫିଲ୍ମଫେୟାର ପୁରସ୍କାର ମିଳିଥିଲା । ଏହାପରେ 'ଉସ୍ତାଦ୍ ହୋଟେଲ୍', 'ଚାର୍ଲି', 'ଓକେ କାନମାନୀ', 'ମହାନଟୀ' ଏବଂ 'ସୀତା ରାମମ୍' ଭଳି ସୁପରହିଟ୍ ଚଳଚ୍ଚିତ୍ର ଜରିଆରେ ସେ ବ୍ୟବସାୟିକ ସଫଳତା ସହ ଦର୍ଶକଙ୍କ ପ୍ରଚୁର ଭଲପାଇବା ସାଉଁଟିଥିଲେ । ବର୍ତ୍ତମାନ ଦୁଲକର ନିଜ କ୍ୟାରିୟରର ଏକ ବହୁତ ବ୍ୟସ୍ତବହୁଳ ପର୍ଯ୍ୟାୟ ଦେଇ ଗତି କରୁଛନ୍ତି । ସେ ନିକଟରେ ସେଲଭାମଣି ସେଲଭାରାଜଙ୍କ ନିର୍ଦ୍ଦେଶିତ 'କାନ୍ଥା' ଚଳଚ୍ଚିତ୍ରରେ ସୁପରଷ୍ଟାର ଟି.କେ. ମହାଦେବନ ଭୂମିକାରେ ନଜର ଆସିଥିଲେ । ଏହା ସହିତ ଆଗକୁ ତାଙ୍କର ବହୁପ୍ରତୀକ୍ଷିତ ଆକ୍ସନ-ଥ୍ରୀଲର୍ ଫିଲ୍ମ 'ଆଇମ୍ ଗେମ୍' ରିଲିଜ ଅପେକ୍ଷାରେ ରହିଛି । ନିର୍ଦ୍ଦେଶକ ନହାସ ହିଦାୟତଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ଆଣ୍ଟୋନି ଭାର୍ଗୀସ୍ ପେପେ, ସାଣ୍ଡି ମାଷ୍ଟର, କାଥିର, କାୟାଦୁ ଲୋହାର ଏବଂ ମାଇସ୍କିନ୍ଙ୍କ ଭଳି କଳାକାର ପ୍ରମୁଖ ଭୂମିକାରେ ଅଛନ୍ତି । ଏହା ବ୍ୟତୀତ ଦୁଲକର ଆଗାମୀ ଦିନରେ ଶ୍ରୁତି ହାସନ ଏବଂ ନବାଗତା ସାତ୍ୱିକା ବୀରବଲ୍ଲୀଙ୍କ ସହ ଏକ ଆଡଭେଞ୍ଚର ଡ୍ରାମା 'ଆକାଶମ ଲୋ ଓକା ତାରା' ଉପରେ ମଧ୍ୟ କାର୍ଯ୍ୟ କରୁଛନ୍ତି, ଯାହା ତେଲୁଗୁ, ତାମିଲ, ମାଲାୟାଲମ୍ ଏବଂ ହିନ୍ଦୀ ଭାଷାରେ ମୁକ୍ତିଲାଭ କରିବ । ବ୍ୟକ୍ତିଗତ ସରଳତା ଏବଂ ବୃତ୍ତିଗତ ନିଷ୍ଠା ଯୋଗୁଁ ସେ ସିନେ ଇଣ୍ଡଷ୍ଟ୍ରୀରେ ଏକ ଅଭୁତ ସଫଳତା ସହ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ।



**ଦକ୍ଷିଣ ଭାରତୀୟ ସିନେମା ଜଗତର ଜଣେ ଆଗଧାଡ଼ିର ତଥା ବହୁମୁଖୀ ପ୍ରତିଭାସମ୍ପନ୍ନ ଅଭିନେତା ଦୁଲକର ସଲମାନ ନିଜର ଚମତ୍କାର ଅଭିନୟପାଇଁ ଦର୍ଶକଙ୍କର ମନ ଜିଣିଛନ୍ତି । ଚକ୍‌ଲେଟ୍ ବୟ୍ ଲୁକ୍ ଯୋଗୁଁ ଆଜି କେବଳ ମାଲାୟାଲମ୍ ସିନେମା ନୁହେଁ, ବରଂ ତାମିଲ, ତେଲୁଗୁ ଏବଂ ହିନ୍ଦୀ ଚଳଚ୍ଚିତ୍ର ଜଗତରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।**